୬ ଶମିଙ୍କୁ ପଛରେ ପକାଇଲେ ଷ୍ଟାର୍କ : ରାବାଡାଙ୍କ ସଫଳତା ସତ୍ତ୍ୱେ ଚାପରେ ଦକ୍ଷିଣ ଆଫ୍ରିକା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୩୫ ● ୧୩ ଜୁନ୍ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-135 ● 13th June 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଭୟାବହ ବିମାନ ଦୁର୍ଘଟଣା : ବିଶ୍ୱ ସ୍ତବ୍ଧ

**ଅହମ୍ମଦାବାଦ, ୧୨।୬**

ଭାରତ ଇତିହାସରେ ଅନ୍ୟତମ ଭୟଙ୍କର ତଥା ବଡ଼ ବିମାନ ଦୁର୍ଘଟଣା ଗୁଜରାଟର ଅହମ୍ମଦାବାଦରେ ଏୟାର ଇଣ୍ଡିଆର ବିମାନ ସମ୍ମୁଖୀନ ହୋଇଛି। ଉଡାଣ ଭରିବାର ମାତ୍ର କିଛି ସେକେଣ୍ଡ ପରେ ବିମାନଟି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଅନ୍ତର୍ଜାତୀୟ ଏୟାରପୋର୍ଟ ନିକଟସ୍ଥ ମେଘାନି ନଗରର ଆବାସିକ ଅଞ୍ଚଳରେ ଦୁର୍ଘଟଣା ଗ୍ରସ୍ତ ହୋଇଛି।

ଦୁର୍ଘଟଣା ହେବା ପରେ ଭୟଙ୍କର ବିସ୍ଫୋରଣ ସହ ବିମାନରେ ନିଆଁ ଲାଗି ଯାଇଥିଲା। ଏଥିଯୋଗୁ ବିମାନରେ ଥିବା ସମସ୍ତ ୨୪୨ ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ବିମାନରେ ୨୩୦ ଜଣ ଯାତ୍ରୀ, ୨ ଜଣ ପାଇଲଟ ଓ ୧୦ ଜଣ କ୍ରୁ ସଦସ୍ୟ ରହିଥିଲେ। ତେବେ ସୌଭାଗ୍ୟବଶତଃ ଜଣେ ଯାତ୍ରୀ ଆଶ୍ଚର୍ଯ୍ୟଜନକ ଭାବେ ବଞ୍ଚିଯାଇଥିବା ଅହମ୍ମଦାବାଦ ପୋଲିସ୍ କମିଶନର ସୂଚନା ଦେଇଛନ୍ତି।

ଡିଜିସିଏ ପକ୍ଷରୁ କୁହାଯାଇଛି ଯେ ଏୟାର ଇଣ୍ଡିଆର ବିମାନ ଏଆଇ-୧୭୧ ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଉଡ଼ାଣ ଭରିବାର ମାତ୍ର କିଛି ସେକେଣ୍ଡ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବିମାନଟି ଗୁରୁବାର ସକାଳେ ଦିଲ୍ଲୀରୁ ଅହମଦାବାଦ ଆସିଥିଲା।

ବୋଇଂ ୭୮୭ ଏୟାରକ୍ରାଫ୍ଟ ଟେଲ ନମ୍ବର ଭିଟି ଏଏନବି ୨୮ ନମ୍ବର ରନ ୱେରୁ ମଧ୍ୟାହ୍ନ ୧.୩୯ ମିନିଟରେ ଉଡାଣ ଭରିଥିଲା । ଉଡାଣ ଭରିବା କ୍ଷଣି ପାଇଲଟ ତୁରନ୍ତ ମେ' ଡେ କଲ ବା ଜରୁରୀକାଳୀନ କଲ ଜରିଆରେ ଏୟାର ଟ୍ରାଫିକ କଣ୍ଟ୍ରୋଲ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ବିମାନକୁ ବଡ଼ ବିପଦ ଥିବା ସେ ଆଶଙ୍କା କରି ସହାୟତା ମାଗିଥିଲେ। କିନ୍ତୁ କୌଣସି ସହାୟତା କରାଯିବା ପୂର୍ବରୁ ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏହାପରେ ବିମାନଟି ଏୟାପୋର୍ଟ ବାହାରେ ଖସି ପଡ଼ିବା ସହ ଏଥିରେ ନିଆଁ ଲାଗି ଯାଇଥିଲା। ପୂରା ଅଞ୍ଚଳ ଧୂଆଁ ମୟ ହୋଇଥିବା ବେଳେ ଗୋଟିଏ ମେଡିକାଲ ହଷ୍ଟେଲ ବିଲଡିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଦୁର୍ଘଟଣା ପୂର୍ବରୁ ବିମାନଟି ସ୍ଥଳ ଭାଗରୁ ୮୨୫ ଫୁଟ ଉପରେ ରହିଥିଲା ବୋଲି ଡିଜିସିଏ ସ୍ପଷ୍ଟ କରିଛି।

ବିମାନଟିର ଉଡାଣ *(ପୃଷ୍ଠା ୭ରେ)*



## ସ୍ଥିତି ଅନୁଧ୍ୟାନ କଲେ ଶାହ

**ଅହମ୍ମଦାବାଦ, ୧୨।୬**

ଗୁରୁବାର ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଛନ୍ତି । ଏହା ପରେ ସେ ହସ୍ପିଟାଲ ଯାଇ ଆହତମାନଙ୍କୁ ଭେଟିଥିଲେ ଏବଂ ପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ, ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଅନ୍ୟମାନଙ୍କ ସହିତ ଏକ ବୈଠକ କରିଥିଲେ। ସେ କହିଛନ୍ତି ଯେ ସମଗ୍ର ଦେଶ ପୀଡିତ ପରିବାର ସହିତ ଠିଆ ହୋଇଛି। *(ପୃଷ୍ଠା ୭ରେ)*

## ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ମୃତ୍ୟୁ



**ଅହମ୍ମଦାବାଦ, ୧୨।୬**

ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ମୃତ୍ୟୁ ଘଟିଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର. ପାଟିଲ ଏହି ସୂଚନା ଦେଇଛନ୍ତି। ବିମାନ ଦୁର୍ଘଟଣାରେ ମୃତକମାନଙ୍କ ମଧ୍ୟରେ *(ପୃଷ୍ଠା ୭ରେ)*

## ଜଣେ ଭାଗ୍ୟଶାଳୀ ଜୀବିତ



**ଅହମ୍ମଦାବାଦ, ୧୨।୬**

ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଜଣେ ଯାତ୍ରୀ ବଞ୍ଚିଯାଇଥିବା ଖବର ଆସିଛି। ଅହମ୍ମଦାବାଦ ପୋଲିସ କମିଶନର ଜିଏସ ମଲିକ କହିଛନ୍ତି, ସିଟ ନମ୍ବର ୧୧ଏ ରେ ଜଣେ ବଞ୍ଚିଥିବା ବ୍ୟକ୍ତିଙ୍କୁ ପାଇଛନ୍ତି। ସେହି ବ୍ୟକ୍ତିଙ୍କୁ ହସ୍ପିଟାଲରେ ରଖାଯାଇଛି ଏବଂ ତାଙ୍କର ଚିକିତ୍ସା ଚାଲିଛି। ମୃତ୍ୟୁ ସଂଖ୍ୟା ବିଷୟରେ ଏପର୍ଯ୍ୟନ୍ତ କିଛି କହିହେବ *(ପୃଷ୍ଠା ୭ରେ)*

## ମୃତକଙ୍କ ପରିବାରକୁ ୧ କୋଟି ସହାୟତା ଦେବ ଟାଟା ଗ୍ରୁପ

**ଅହମ୍ମଦାବାଦ, ୧୨।୬**

ଗୁଜରାଟର ଅହମ୍ମଦାବାଦରେ ଗୁରୁବାର ଘଟିଥିବା ବଡ଼ ଧରଣର ବିମାନ ଦୁର୍ଘଟଣାରେ ବହୁ ଲୋକଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଇଛି । ଦୁର୍ଘଟଣାର ଶିକାର ଏୟାରଇଣ୍ଡିଆର ଏହି ବିମାନରେ ଯାତ୍ରୀ ଏବଂ କ୍ରିଉ ସଦସ୍ୟଙ୍କୁ ମିଶାଇ ୨୪୨ ଜଣ ଥିବାବେଳେ ୨୦୦ରୁ *(ପୃଷ୍ଠା ୭ରେ)*

## ଋଷ ରାଷ୍ଟ୍ରପତି, ପାକ୍ ପ୍ରଧାନମନ୍ତ୍ରୀ ଓ ବ୍ରିଟେନର ରାଜାଙ୍କ ଶୋକ

**ନୂଆଦିଲ୍ଲୀ୧୨।୬**

ଅହମ୍ମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିବାର କିଛି ସମୟ ପରେ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଖବରକୁ ନେଇ ସମଗ୍ର ବିଶ୍ୱରେ ଶୋକର ଛାୟା ଖେଳିଯାଇଛି । ଏହି ଦୁର୍ଘଟଣାରେ ୨୦୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମୃତ୍ୟୁ ନେଇ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ୍ୟ ଏହି ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଅହମଦାବାଦରେ ଗୁରୁବାର ହୋଇଥିବା ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଏହି ଦୁର୍ଘଟଣାରେ ୫୦ରୁ ଅଧିକ ବ୍ରିଟିଶ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏହି ଦୁର୍ଘଟଣାକୁ ନେଇ ବ୍ରିଟେନର ରାଜା ଚାର୍ଲ୍ସ ତୃତୀୟ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଦୁଃଖ ପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୬ : ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ଜଗଦୀପ୍ ଧନଖଡ୍ ଗୁରୁବାର ଅହମ୍ମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ଦୁଃଖଦ ସମୟରେ ସାରା ଦେଶ ପ୍ରଭାବିତ ଲୋକମାନଙ୍କ ସହ ରହିଛି । ରାଷ୍ଟ୍ରପତି ଏକ୍ସରେ ପୋଷ୍ଟରେ କହିଛନ୍ତି ଯେ, 'ଅହମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣା ବିଷୟରେ ଜାଣି ମୁଁ ଖୁବ୍ ଦୁଃଖିତ। ଏହା ଏକ ହୃଦୟବିଦାରକ ବିପଦ । ମୋର ସମବେଦନା ଓ ପ୍ରାର୍ଥନା ପ୍ରଭାବିତ ଲୋକମାନଙ୍କ ସହ ଅଛି। ଏହି ଅବର୍ଣ୍ଣନୀୟ ଦୁଃଖ ସମୟରେ ସାରା ଦେଶ ସେମାନଙ୍କ ସହ ରହିଛି।' ଅନୁରୂପ ଭାବେ ଉପରାଷ୍ଟ୍ରପତି ଏକ୍ସରେ ପୋଷ୍ଟରେ କହିଛନ୍ତି ଯେ, 'ଅହମଦାବାଦରେ ଘଟିଥିବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଆମକୁ ଏକ ବିନାଶକାରୀ ମାନବୀୟ ଦୁଃଖଦ ଘଟଣା ସମ୍ମୁଖୀନ *(ପୃଷ୍ଠା ୭ରେ)*

# ରାଜ୍ୟସ୍ତରୀୟ 'ବିକାଶ ବାହନ' ଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୬**
**ନ୍ୟୁଜ୍ ବ୍ୟୁରୋ**




ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗରେ ଆୟୋଜିତ ରାଜ୍ୟ ସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଣତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଜନତାଙ୍କ ସେବାରେ ହିଁ ଜୀବନର ସାର୍ଥକତା। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଡବଲ ସ୍ପିଡରେ କାମ କରି ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିପାରୁଛି। ଆମ ସରକାରଙ୍କ ଏକ ହଲମାର୍କ ହେଉଛି ଲୋକଙ୍କ ସହିତ ଯୋଡି ହେବାର ପ୍ରୟାସ। ଏହି ଏକ ବର୍ଷରେ ଅନେକ କ୍ଷେତ୍ରରେ ଓଡ଼ିଶାର କାୟାକଳ୍ପ ହୋଇଛି। ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତିକରଣ ସହିତ ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇପାରିଛି। ଆଜିଠାରୁ 'ବିକାଶ ବାହନ' ଯାତ୍ରା ଆରମ୍ଭ ହୋଇଛି ତାହା ହେଉଛି ଆମ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଜନସାଧାରଣମାନଙ୍କୁ ଯୋଡିବାର ଆଉ ଏକ ପ୍ରୟାସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଥିଲେ ଯେ ଆମେ ଏହି ବର୍ଷେ ମଧ୍ୟରେ ଲାଗୁ କରିଥିବା ସମସ୍ତ ଯୋଜନାର ସଫଳତା ପାଇଁ ଜନଭାଗିଦାରୀର ବ୍ୟାପକ ଆବଶ୍ୟକତା ରହିଛି। ବିଭିନ୍ନ ସୂଚନା ଓ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ନାଗରିକମାନଙ୍କୁ ସଚେତନ କରାଯାଇ ଲୋକଙ୍କୁ ଯୋଜନା ସହିତ ଯୋଡିବା ଆମର ଲକ୍ଷ୍ୟ। ଏହା ଦ୍ୱାରା ପ୍ରଶାସନ ଲୋକାଭିମୁଖୀ ହୋଇପାରୁଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ସ୍ୱଚ୍ଛ, ଉତ୍ତରଦାୟୀ ଓ ଲୋକାଭିମୁଖୀ ଶାସନର ଏକ ବର୍ଷ ପୂରଣ ଅବସରରେ ପ୍ରଶାସନକୁ ଜନ ସାଧାରଣଙ୍କ ଦ୍ୱାର ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ୩୧୪ ଟି ବ୍ଲକ, ୧୧୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ଟି ମହାନଗର ନିଗମରେ ଗଡିବ ସ୍ୱତନ୍ତ୍ର 'ବିକାଶ ବାହନ'। ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ 'ପ୍ରଗତି ପ୍ରବାହ' ପୁସ୍ତକ ଏବଂ ଏକ ବର୍ଷର ସଫଳତାର ତଥ୍ୟ ସମ୍ବଳିତ ପୁସ୍ତିକା ମଧ୍ୟ ସମସ୍ତଙ୍କ ପାଖରେ ପହଞ୍ଚିବ । ଏହାଦ୍ୱାରା ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ । ବିଭିନ୍ନ ଯୋଜନା ଉପରେ ଆଧାରିତ ଭିଡିଓ ମଧ୍ୟ ଦେଖିପାରିବେ। ଏହି ଅବସରରେ ପଂଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେଯେ, ଲୋକଙ୍କ ଆଶୀର୍ବାଦରେ ଆଜି *(ପୃଷ୍ଠା ୭ରେ)*

# ଶ୍ରୀଅଲାରନାଥଙ୍କ ଅଣସର ଦର୍ଶନ ଆରମ୍ଭ

**ବ୍ରହ୍ମଗିରି, ୧୨।୬**
**ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁ ସ୍ନାନ ବେଦୀରୁ ଅଣସର ପିଣ୍ଡିକୁ ବିଜେ କରିଛନ୍ତି । ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ନ ପାଇ ଶ୍ରୀମନ୍ଦିରରେ ପଟି ଦିଅଁଙ୍କୁ ଦର୍ଶନ କରୁଛନ୍ତି । ଏହାରି ଭିତରେ ବ୍ରହ୍ମଗିରିସ୍ଥ ଶ୍ରୀଅଲାରନାଥଙ୍କ ଅଣସର ଦର୍ଶନ ଆରମ୍ଭ ହୋଇଛି । ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି ମହାପ୍ରଭୁଙ୍କ ଅଦର୍ଶନରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସମଫଳ ମିଳି ଥାଏ। ସେଥିପାଇଁ ଗୁରୁବାରଠାରୁ ଶ୍ରୀଅଲାରନାଥଙ୍କ ପୀଠରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି ।



ଗୁରୁବାର ଭୋର ଚାରିଟାରେ ଦ୍ୱାର ଫିଟା ପରେ ମଙ୍ଗଳ ଆଳତୀ, ଅବକାଶ, ବେଶ, ଚନ୍ଦନ ତୁଳସୀ ଲାଗି, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଉଠି ସୂର୍ଯ୍ୟ ପୂଜା, ରୋଷ ହୋମ ନୀତି ଶେଷ ହେବା ପରେ ସକାଳ ୬ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୧୬ଟି ସିସିଟିଭି ମନ୍ଦିର ଭିତରେ ଓ ବାହାରେ ଲାଗିଛି । ଏହା ସହିତ ଜଣେ ଅତିରିକ୍ତ ଏସପି, ୪ଜଣ ଡ଼ିଏସପି, ୩ ଜଣ ଇନସ୍ପେକ୍ଟର, ୧୭ ଜଣ ଏସଆଇ, ଏଏସଆଇ, ୪ ଜଣ ହାବିଲଦାର, ୬ ଜଣ କନେଷ୍ଟବଳ, ୫୬ଜଣ ଗୃହରକ୍ଷୀ, ୭ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି । ସାଦା ପୋଷାକରେ ପୁଲିସ ମୁତୟନ ହୋଇଛନ୍ତି। ଅଗ୍ନିଶମ ବାହିନୀ ମୁତୟନ ହୋଇ ଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିଛି । ଟ୍ରାଫିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ନୀତିକାନ୍ତି ଶୃଙ୍ଖଳିତ ସହିତ ସୁରକ୍ଷିତ ଦର୍ଶନ ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। ଭୋରୁ ଶ୍ରଦ୍ଧାଳୁ ବ୍ୟାରିକେଡ଼ ଦେଇ ଦର୍ଶନ କରୁଛନ୍ତି ।

## ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କଲେ ମାଲକାନଗିରିର ପୂର୍ବତନ ଜିଲ୍ଲାପାଳ

**ମାଲକାନଗିରି, ୧୨।୬ : ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ମନୀଷ ଅଗ୍ରୱାଲ ଗୁରୁବାର ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଆତ୍ମସମର୍ପଣ କରିବା ପରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଶ୍ରୀ ଅଗ୍ରୱାଲ ଲୁଚିଛପି କୋର୍ଟରେ ହାଜର ହୋଇଥିଲେ ବୋଲି ଚର୍ଚ୍ଚା ହେଉଛି। ସେ କୋର୍ଟରେ ପହଞ୍ଚିବା ପୂର୍ବରୁ ଅନ୍ୟମାନେ କେହି ସୁରାକ ପାଇପାରିନଥିଲେ। କେବଳ ତାଙ୍କର ଓକିଲମାନେ ହିଁ ଏ ସମ୍ପର୍କରେ ଅବଗତ ଥିଲେ। କିନ୍ତୁ ମନୀଷ ଅଗ୍ରୱାଲ ଆତ୍ମସମର୍ପଣ କରୁଥିବା ନେଇ ଖବର ପ୍ରଚାର ହେବା ପରେ କୋର୍ଟରେ ଭିଡ଼ ଲାଗିଥିଲା । *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ସ୍ତବ୍ଧ ଭାରତ ସ୍ତବ୍ଧ ପୃଥିବୀ
କେମିତି ଏ ଦୁର୍ଘଟଣା
ବିମାନ ଫାଟିବା ଜଳିବା ଶବ୍ଦରେ
ବୃଦ୍ଧି ହୋଇଯାଏ ବଣା
ଶହ ଶହ ମୃତ ଦେହ ଗଣା
ଆକାଶ ମାର୍ଗରେ ମୃତ୍ୟୁ ଥିବ ରହି
କାହାକୁ ବା ଥିଲା ଜଣା।

# ମାଡ଼ିଆସୁଛି ଭୟଙ୍କର ବିପର୍ଯ୍ୟୟ



**ଚେନ୍ନାଇ, ୧୨।୬**

ଓରଫିସ ପରି ରହସ୍ୟମୟ ମାଛ ଆମକୁ ମନେ ପକାଇ ଦିଏ ଯେ ପ୍ରାକୃତିକ ଜଗତ ଏବେ ବି ଅନେକ ରହସ୍ୟରେ ପରିପୂର୍ଣ୍ଣ।

ଓରଫିସ ଯାହାର ବୈଜ୍ଞାନିକ ନାମ ରେଗାଲେକସ ଗ୍ଲେସ୍ନେ। ଏହାକୁ ବିଶ୍ୱର ସବୁଠାରୁ ଲମ୍ବା ବୋନଫିସ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହି ମାଛ ପ୍ରାୟତଃ ୨୦୦ ରୁ ୧,୦୦୦ ମିଟର ଗଭୀରତାରେ ରହିଥାଏ ଏବଂ ୩୦ ଫୁଟ ପର୍ଯ୍ୟନ୍ତ ଲମ୍ବା ହୋଇପାରେ।

ଓରଫିସର ଶରୀର ଚମକଦାର ରୂପା ଏବଂ ରିବନ ପରି । ଏହାର ମୁଣ୍ଡ ଉପରେ ଏକ ଲାଲ ରଙ୍ଗର ଆସ୍ତରଣ ଥାଏ। ଏହା ସମୁଦ୍ର ତଟକୁ ଆସିବାକୁ ଏକ ଅତ୍ୟନ୍ତ ବିରଳ ଘଟଣା ବୋଲି ବିବେଚନା କରାଯାଏ।

ତାମିଲନାଡୁର ଉପକୂଳବର୍ତ୍ତୀ ଅଞ୍ଚଳର ମତ୍ସ୍ୟଜୀବୀମାନେ ଏକ ବିଶାଳ ଓରଫିସ ଧରିଥିଲେ, ଯାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଏବଂ କୌତୁହଳ ସୃଷ୍ଟି କରିଥିଲା । ଏହାକୁ ଏକ ବିପର୍ଯ୍ୟୟକାରୀ ମାଛ ବୋଲି କୁହାଯାଇଥିଲା।

ଓରଫିସର ଇତିହାସ ଅନେକ ପ୍ରାକୃତିକ ବିପର୍ଯ୍ୟୟ ସହିତ ଜଡିତ। ଏହାର ଆବିର୍ଭାବକୁ ଅନେକ ଥର ଭୂମିକମ୍ପ କିମ୍ବା ସୁନାମୀର ପୂର୍ବାନୁମାନ ଭାବରେ ଦେଖାଯାଇଛି। *(ପୃଷ୍ଠା ୭ରେ)*

# ଭୁବନେଶ୍ୱରରୁ ୟୁଏଇକୁ ସିଧା ବିମାନ ସେବାର ଶୁଭାରମ୍ଭ



**ଭୁବନେଶ୍ୱର, ୧୨।୬**
**ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରୁ ୟୁଏଇକୁ ସିଧା ବିମାନ ସେବା ଆରମ୍ଭ ହୋଇଛି । ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ଆବୁଧାବିକୁ ସିଧା ଉଡ଼ାଣ କରୁଥିବା ଏହି ବିମାନକୁ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ବିମାନବନ୍ଦରରେ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି।

ଯାତ୍ରୀମାନେ ଏଣିକି ଭୁବନେଶ୍ୱରରୁ ବିମାନରେ ବସି ସିଧାସଳଖ ଆବୁଧାବିରେ ସହଜରେ ପହଞ୍ଚି ପାରିବେ । ଏଥିସହିତ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ *(ପୃଷ୍ଠା ୭ରେ)*

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଲୋକଙ୍କ ପ୍ରିମିୟମ ବୃଦ୍ଧି

ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ବହୁ ମାତ୍ରାରେ ମହଙ୍ଗା ହୋଇଗଲାଣି। ଗତ ୧୦ ବର୍ଷରେ ଏହା ଦୁଇ ଗୁଣା ବଢ଼ିଯାଇଛି । ଫଳରେ ଅନେକ ଲୋକ ନିଜ ନିଜର ବୀମା ବନ୍ଦ କରିବାକୁ ବାଧ୍ୟ ହେଉଥିବା ଏକ ରିପୋର୍ଟରୁ ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ମହଙ୍ଗା ପ୍ରିମିୟମ ଯୋଗୁ ଲୋକେ ପଲିସି ବନ୍ଦ କରିଦେଉଛନ୍ତି ଅବା କମ୍ କଭର ରହିଥିବା ପ୍ଲାନ୍ ନେଉଛନ୍ତି। ଚଳିତ ଆର୍ଥିକ ବର୍ଷ ପ୍ରତି ୧୦ରେ ଜଣେ ବୀମାଧାରୀ ନିଜର ସ୍ୱାସ୍ଥ୍ୟ ବୀମା ପଲିସିକୁ ରିନ୍ୟୁ କରିନାହାନ୍ତି । ପ୍ରାୟ ୧୦% ଲୋକଙ୍କ ପ୍ରିମିୟମ ୩୦% କିମ୍ବା ଏହାଠାରୁ ଅଧିକ ବୃଦ୍ଧି ପାଇଛି । ଏଥିମଧ୍ୟରୁ ମାତ୍ର ଅଧା ଲୋକ ହିଁ ପୁରା ପ୍ରିମିୟମ ଭରିଛନ୍ତି । ଗତ ୧୦ ବର୍ଷରେ ୫୨% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ୫ରୁ୧୦% ବୃଦ୍ଧି ଘଟିଛି। ଏହାର ଅର୍ଥ ଯଦି କୌଣସି ବ୍ୟକ୍ତିଙ୍କ ପ୍ରିମିୟମ୍ ୧୦୦ ଟଙ୍କା ଥିଲା ୧୦ ବର୍ଷ ପରେ ଏହା ୧୬୨- ୨୫୯ ଟଙ୍କା ହୋଇଛି । ୩୮% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ବୃଦ୍ଧି ୧୦ରୁ୧୫% ରହିଛି । ଅର୍ଥାତ୍ ସେମାନଙ୍କ ୧୦୦ ଟଙ୍କା ଥିବା ପ୍ରିମିୟମ ୨୫୯ରୁ୪୦୪ ଟଙ୍କା ହୋଇଛି। କିନ୍ତୁ ୩% ଲୋକଙ୍କ ପ୍ରିମିୟମ୍‌ରେ ବାର୍ଷିକ ବୃଦ୍ଧି ୧୫ରୁ୩୦% ରହିଥିବା ଜଣାପଡ଼ିଛି । ପ୍ରଶ୍ନ ଉଠୁଛି ଯେ, ପ୍ରିମିୟମ କାହିଁକି ଏତେ ମାତ୍ରାରେ ବୃଦ୍ଧି ପାଇଛି । ବୀମା କମ୍ପାନିଙ୍କ କହିବାନୁସାରେ, କ୍ଲେମ୍ ଅନୁପାତ ବିଗିଡ଼ିବା କାରଣରୁ ଏଭଳି ହେଉଛି । କ୍ଲେମ୍ ଅନୁପାତ ଅର୍ଥାତ୍, ଯେତିକି ପ୍ରିମିୟମ ସଂଗ୍ରହ ହୋଇଛି, ସେଥିମଧ୍ୟରୁ କେତେ ମାତ୍ରାକୁ କ୍ଲେମ୍ କରାଯାଇଛି । ଯଦି ଅଧିକ କ୍ଲେମ୍ ଆସେ, ତେବେ କମ୍ପାନିଗୁଡ଼ିକୁ ପ୍ରିମିୟମ ବଢ଼ାଇବାକୁ ପଡ଼ିଥାଏ। କିଛି ଲୋକଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି । କାରଣ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ୍ ପ୍ରତିବର୍ଷ ଏକାଭଳି ବଢ଼ି ନ ଥାଏ । ଏହା କିଛି ବର୍ଷର ବ୍ୟବଧାନରେ ଅଚାନକ ବୃଦ୍ଧି ପାଇଥାଏ । ବୀମା କମ୍ପାନିଗୁଡ଼ିକ ପ୍ରତି ୩ ବର୍ଷରେ ମେଡିକାଲ ଖର୍ଚ୍ଚ ହିସାବରେ ନିଜ ନିଜର ବୀମା ଦର ବଢ଼ାଇଥାନ୍ତି । ବୟସ ବଢ଼ିବା ସହ ପ୍ରିମିୟମ ବଢ଼ିଥାଏ। ବୟୋବୃଦ୍ଧ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ଅଧିକ ରହିଥାଏ । ତେଣୁ ସେମାନଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି କରାଯାଇଥାଏ। ପଲିସିବଜାରର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତର ସ୍ୱାସ୍ଥ୍ୟ ବୀମା ବଜାରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏହି ସର୍ଭେରେ ବର୍ଦ୍ଧିତ ପ୍ରିମିୟମ, ଲୋକଙ୍କ ଖର୍ଚ୍ଚ କମ୍ କରିବାର ଉପାୟ ଏବଂ ମେଡିକାଲ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ କମ୍ପାନିଗୁଡ଼ିକର ମତାମତ ନିଆଯାଇଛି । କିଛି ଲୋକଙ୍କୁ ପ୍ରିମିୟମ୍‌ରେ ବଡ଼ ବୃଦ୍ଧିର ସାମ୍ନା କରିବାକୁ ପଡ଼ିଛି । କିନ୍ତୁ ଅଧିକାଂଶ ଲୋକ ନୂଆ ପ୍ଲାନ୍ ଏବଂ ସଞ୍ଚୟର ବିଭିନ୍ନ ଉପାୟ ମାଧ୍ୟମରେ ଖର୍ଚ୍ଚକୁ ଭଲ ଭାବେ ପରିଚାଳନା କରିପାରୁଥିବା ଏଥିରେ ଉଲ୍ଲେଖ କରାଯାଇଛି। ବିଶେଷଜ୍ଞଙ୍କ ମତରେ, ଯଦି ପ୍ରିମିୟମ ବଢ଼େ ଏବଂ ବୀମାଧାରୀ ତାହାକୁ ଭରିବାକୁ ଚାହାନ୍ତି ନାହିଁ ତେବେ ସେମାନଙ୍କ ପାଖରେ କମ୍ ପ୍ରିମିୟମଯୁକ୍ତ ପ୍ଲାନ୍ ବାଛିବାର ବିକଳ୍ପ ରହିଛି । କେତେକ ଲୋକ ଟଙ୍କା ବଞ୍ଚାଇବା ପାଇଁ 'ଡିଡକ୍ଟେବଲ' ବିକଳ୍ପ ବି ବାଛୁଛନ୍ତି। 'ଡିଡକ୍ଟେବଲ'ର ଅର୍ଥ ହେଉଛି, ଏକ ନିର୍ଦ୍ଦିଷ୍ଟ ରାଶି ପର୍ଯ୍ୟନ୍ତ ଖର୍ଚ୍ଚକୁ ନିଜକୁ ଉଠାଇବାକୁ ପଡ଼ିବ, ଏହା ପରେ ହିଁ ବୀମା କମ୍ପାନି ଖର୍ଚ୍ଚ କରିବ। ମେଡିକାଲ ଖର୍ଚ୍ଚ ବୃଦ୍ଧି ଏବଂ ନୂଆ ପ୍ରଯୁକ୍ତି ସହିତ ସ୍ୱାସ୍ଥ୍ୟ ବୀମାର ପରିସର ବଢୁଛି, ଯାହାଦ୍ୱାରା ପ୍ରିମିୟମ ଉପରେ ପ୍ରଭାବ ପଡୁଛି।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୨୬)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ବିଶର ଅବାକ୍ ହୋଇଯାଇଥାନ୍ତି ବାଳକଟିର ପରିଚର୍ଯ୍ୟାରେ। ଭାବୁଥାନ୍ତି ଯେ ଏପରି ଦୁର୍ଲ୍ଲଭ ମୁହୂର୍ତ୍ତ ହୁଏତ ଆଉ ଜୀବନରେ ନ ଆସିପାରେ। ପୁନର୍ବାର ବି ଭାବି ନେଲେଣି ଯେ ସତରେ କ'ଣ ଏ ବାଳକଟି ମନୁଷ୍ୟ ଔରସରୁ ଜନ୍ମ ନେଇଛି ନା ଈଶ୍ୱର ମୋ ପାଇଁ ଏକ ମାୟାସୃଷ୍ଟି କରୁଛନ୍ତି ? ବାସ୍ତବରେ ସେ ସ୍ୱପ୍ନ ଦେଖୁ ନାହାନ୍ତି ତ ? ଏ ବାଳକଟିକୁ ଦେଖି ତାଙ୍କର ମନେ ପଡୁଛି ଜଣେ ଦଇତା। ବହୁ ଦିନ ପୂର୍ବରୁ ନରେନ୍ଦ୍ର ପୁଷ୍କରିଣୀ କୂଳରେ ଗୋଟିଏ ଅବିସ୍ମରଣୀୟ ଘଟଣା ତାଙ୍କୁ କହୁଥିଲା ଏହି ଜଗନ୍ନାଥଙ୍କୁ କେନ୍ଦ୍ରକରି। ସେବକଟି କହିଲା ଥରେ କୁଆଡେ ସନ୍ଥ ତୁଳସୀ ଦାସ ଗୋସ୍ୱାମୀ ରାମ ଚରିତ ମାନସ ରଚନା କରି ସାରିବା ପରେ ଏହି କାଳିଆ ସାଆନ୍ତଙ୍କୁ ଦର୍ଶନ କରିବାକୁ ଆସିଥିଲେ। ତାଙ୍କୁ କୁଆଡେ କିଏ ଜଣେ ସାଧୁ ମହାତ୍ମା କହିଥିଲେ ଯେ ତୁମେ ଯଦି ଶ୍ରୀ ରାମଙ୍କୁ ଦର୍ଶନ କରିବାକୁ ଚାହୁଁଛ, ତେବେ ଉତ୍କଳ ରାଜ୍ୟରେ ଅବସ୍ଥିତ ନୀଳାଚଳ ଧାମରେ ତୁମ ପ୍ରଭୁ ଶ୍ରୀରାମଙ୍କୁ ଦେଖି ପାରିବ। ତୁଳସୀଦାସ ଏହି ସମ୍ବାଦଟି ସାଧୁଙ୍କ ନିକଟରୁ ଶୁଣି ଦିନେ ପୁରୀରେ ପହଞ୍ଚିଥିଲେ। ସେ ଯେତେବେଳେ ପୁରୀରେ ପହଞ୍ଚିଲେ, ସେତେବେଳକୁ ସନ୍ଧ୍ୟା ହୋଇଯାଇଥିଲା। ବଡ ଦେଉଳରେ ସେତେବେଳେ ସନ୍ଧ୍ୟା ଆଳତୀ ଚାଲିଥାଏ। ଭକ୍ତ ମାନଙ୍କର ଗହଳିରେ ଶ୍ରୀମନ୍ଦିର ଉଚ୍ଛୁଳି ଉଠୁଥାଏ। ତୁଳସୀ ଦାସ ବଡ ଉତ୍କଣ୍ଠାର ସହ ଶ୍ରୀମନ୍ଦିର ଭିତରକୁ ଯିବା ଲାଗି ପ୍ରଥମେ ବାଇଶି ପାହାଚର ପ୍ରତିଟି ପାହାଚର ଧୂଳିକୁ ମସ୍ତକରେ ଲେପନ କରି କରି ଯାଇ ପହଞ୍ଚିଲେ ଗରୁଡ ସ୍ତମ୍ଭ ନିକଟରେ। ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ଶବ୍ଦର ଉତ୍ତାଳ ତରଙ୍ଗରେ ଶ୍ରୀମନ୍ଦିର ଉଚ୍ଛୁଳି ପଡୁଥାଏ। ତୁଳସୀ ଦାସ ଅପଲକ ନୟନରେ ଚାହିଁ ରହିଥାନ୍ତି ତିନି ମୂର୍ତ୍ତିଙ୍କୁ। ତାଙ୍କ ମୁହଁ ଫିକା ପଡିଗଲା। ଯେଉଁ ଉତ୍କଣ୍ଠା, ଆବେଗ ଓ ଦୃଢ ଭରସାନେଇ ତାଙ୍କ ଶ୍ରୀରାମଙ୍କୁ ଦେଖିବେ ବୋଲି ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରିଥିଲେ ସେହି ଆଶା ଭରସା ଚୁରମାର୍ ହୋଇଗଲା। ତେଣୁ ଅତ୍ୟନ୍ତ ନିରାଶ ମନରେ ଫେରି ଆସି ଅନତି ଦୂରରେ ଥିବା ଗୋଟିଏ ତୁଳସୀ ଚଉଁରାର ଚଟାଣ ଉପରେ ଶୟନ କଲେ। ସେତେବେଳକୁ ଅନେକରାତି ହୋଇ ଯାଇଥିଲା। ଅବୋଧରୁ ପୁରୀ ମଧ୍ୟରେ ଥିବା ସୁଦୀର୍ଘ ପଥକୁ ଅତିକ୍ରମ କରିବାପାଇଁ ଯେ କେତେ ଶ୍ରମ କରିଛନ୍ତି। କେତେ ଖରା, ବର୍ଷା, ବଣ, ପାହାଡ, ନଈକୁ ଅତିକ୍ରମ କରିବାକୁ କେତେ ଯେ ଭୟଙ୍କର ଦୁଃଖ ସହିବାକୁ ପଡିଛି, ସେ କଥାକୁ ମନେ ପକାଇ ତୁଳସୀ ଦାସ ଭୀଷଣ କ୍ଲାନ୍ତ ଅବସ୍ଥାରେ ସେହି ତୁଳସୀ ଚଉରା ମୂଳରେ ଥିବା ଚନ୍ଦିନି ଉପରେ ଶୋଇଛନ୍ତି। ଆଖିରୁ ଲୁହଧାର ବହିଯାଉଛି। ଭାବୁଛନ୍ତି କାହାକୁ କହିବେ ଏ ଦୁଃଖକୁ। କିଏବା ଅଛି ତାଙ୍କର ଏ ଦୁର୍ଦ୍ଦଶାକୁ ଦେଖି ଆହା ବୋଲି ପଦେ କହିବ ? ଭୋକରେ ପେଟ ଜଳୁଛି। କିଏ ବା ଅଛି ତାଙ୍କୁ ମୁଠାଏ ଖାଇବାକୁ ଦେବ ? ଏହି ଭଳି ଅତ୍ୟନ୍ତ ଅସହାୟ ଅବସ୍ଥାରେ ଶୋଇ ପଡିଛନ୍ତି। ଗଭୀର ନିଶାର୍ଦ୍ଧ। ରଙ୍ଗଣୀଫୁଲ ପରି ଆକାଶରେ ତାରା ଗୁଡାକ ବିଛାଡି ହୋଇ ପଡିଛନ୍ତି। ସଂପୂର୍ଣ୍ଣ ନିଦ୍ରିତ ତୁଳସୀ ଦାସ ଗୋଟାଏ ସ୍ୱପ୍ନ ଦେଖୁଛନ୍ତି। ଗୋଟାଏ ଗାଈ ଜଗୁଆଳ ପିଲା ଆସି ତୁଳସୀ ଦାସଙ୍କୁ କହୁଛି, ହେ ଭାଇନା ! ତୁମେ ଏଠି ଏତେ ରାତିରେ ପୁଣି ଭୋକିଲା ପେଟରେ ଶୋଇଛ କାହିଁକି ? ତୁଳସୀ ଦାସ କହିଲେ ଭାଇ ! ମୁଁ ଅବୋଧ ରାଜ୍ୟରୁ ଖବର ପାଇଲି ଯେ ମୋ ଶ୍ରୀ ରାମ କୁଆଡେ ପୁରୀ ନୀଳାଚଳ ଧାମରେ ପୂଜା ପାଉଛନ୍ତି। ତାଙ୍କୁ ଦର୍ଶନ କରିବା ପାଇଁ ମୁଁ ଅନେକ ପରିଶ୍ରମ କରି ଆସିଥିଲି ପୁରୀରେ ପୂଜା ପାଉଥିବା ଶ୍ରୀ ରାମଙ୍କୁ ଦର୍ଶନ କରିବା ପାଇଁ। (କ୍ରମଶଃ)

# ପରିବର୍ତ୍ତିତ ଜୀବନ ଚିତ୍ର



ଡାକ୍ତର ମନୋରଞ୍ଜନ ବିଷୋୟୀ
ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ: ୮୮୯୫୧୪୧୭୨୭

ଭାରତର ଆତ୍ମିକ ବୈଭବ ଦିନେ ଗ୍ରାମ୍ୟ ସଭ୍ୟତାର ସରଳତା ଭିତରେ ଅଗ୍ରଗତିର ମାର୍ଗ ନିର୍ଣ୍ଣୟ କରୁଥିଲା । କିନ୍ତୁ ସମୟର ଗତିପଥରେ ଆଜିର ଗ୍ରାମ୍ୟ ଜୀବନ ଏକ ନିସଙ୍ଗ ଉପତ୍ୟକାରେ ରୂପାନ୍ତରିତ। ସମ୍ପର୍କର ଅବିଚ୍ଛେଦ୍ୟ ଅଂଗ ଆଜି ଶିଥିଳ । ଆଧ୍ୟାତ୍ମିକ କ୍ଷେତ୍ରରୁ ଆରମ୍ଭ କରି ସାମାଜିକ, ଅର୍ଥନୈତିକ, ରାଜନୈତିକ ସର୍ବୋପରି ନୈତିକ ସ୍ଖଳନ ସର୍ବତ୍ର ଆପଣାର କାୟା ବିସ୍ତାର କରିଛି । ଅଗ୍ରଗତି ନାମରେ ଯେଉଁ ବିଷ ମଞ୍ଜି ରୋପଣ କରାଯାଇଛି; ତାହାର ପ୍ରଭାବ ସର୍ବତ୍ର ସୃଷ୍ଟି କରିଛି ବିଭୀଷିକାମୟ ଦୃଶ୍ୟ । ଆଜି ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପଡ଼ିଥିବା ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଗ୍ରାମର ଉତ୍ସବମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । ସ୍ୱାର୍ଥ ପାରିବାରିକ ସଂପର୍କ ଭିତରେ ଠିଆ କରାଇଛି ପାଚେରୀ । ଏପରିକି ଶ୍ରେଷ୍ଠ ନୀତି ଭାବରେ ଦିନେ ଜନମାନସରେ ସ୍ଥାନ ପାଇଥିବା ରାଜନୀତି ଆଜି ସ୍ୱାର୍ଥାନ୍ୱେଷୀ ମୁଷ୍ଟିମେୟ ଲୋକଙ୍କ ହାତରେ ବନ୍ଧାପଡ଼ିଛି । ଚିଲମର ଧୂଆଁର ବାସ୍ନାରେ, ମାଦକ ଦ୍ରବ୍ୟର ଆକର୍ଷଣରେ ଯୁବଗୋଷ୍ଠୀ ମନ୍ଦିର ଆସୁଥାନ୍ତି ବା କ୍ଲବ୍‌ଘରେ ରାତି କାଟନ୍ତି । ଯୁବଶ୍ରେଣୀର ଏପରି ଦିଗଭ୍ରଷ୍ଟ କାରବାର ଗ୍ରାମ୍ୟ ଜୀବନକୁ ଆଜି ସଂକ୍ରମିତ କରିଛି । ଯେତତେନ ପ୍ରକାରେଣ ଉଚ୍ଚଶିକ୍ଷା ଲାଭ କରିଥିବା ଏପରି କିଛି ଯୁବଗୋଷ୍ଠୀଙ୍କ ପକ୍ଷରେ ବିଲରେ ଲଙ୍ଗଳ କଣ୍ଟି ଧରିବା ଆଉ ସମ୍ଭବ ହେଉନାହିଁ । ଅନ୍ୟପଟରେ ଅର୍ଥ ରୋଜଗାରର ସମସ୍ତ ରାସ୍ତା ବନ୍ଦ । ସନ୍ଧ୍ୟାରେ ଚିଲମ ଧୂଆଁରେ ଭଜନ କୀର୍ତ୍ତନ; ତା'ପରେ କ୍ଲବ୍ ଘରେ କଟେ ଜୀବନ । ଏହାହିଁ ସରଳ ଗ୍ରାମ୍ୟ ଜୀବନର ଦୁଃଖଦ ପରିଣତି । ଆଜି ଗ୍ରାମ୍ୟ ରାଜନୀତିରେ ଯେଉଁ ବିଷମଞ୍ଜି ବୁଣା ହୋଇଛି; ତାହା ଭାଇକୁ ଭାଇ ସାମ୍ନାରେ ଶତ୍ରୁ କରି ଠିଆ କରାଇଛି । ରାଜନୀତିର ପଶାପାଲିରେ ସାଧାରଣ ଜନତା ହେଉଛି ଉପେକ୍ଷିତ । ଯୋଜନା ନାଁରେ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟକ୍ତିଗତ ଲକ୍ଷ୍ୟସିଦ୍ଧି ନିମନ୍ତେ ହେଉଛି ବିନିଯୋଗ । ଏପରିକି କଣ୍ଟ୍ରୋଲ ଦୋକାନରେ ମଧ୍ୟ ଜିନିଷ ପାଇବା ସାଧାରଣ ଲୋକଙ୍କ ପାଇଁ ମୁସ୍କିଲ ହୋଇପଡ଼ିଛି । ସ୍ୱାର୍ଥସର୍ବସ୍ୱ ଏ ପୃଥିବୀରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର ହୋଇପଡ଼ିଛନ୍ତି ।

ବାସ୍ତବିକ କହିବାକୁ ଗଲେ; ଗ୍ରାମ୍ୟ ଜୀବନର ସରଳତା ଆଜି ନଷ୍ଟ ଏବଂ ସଂପ୍ରୀତିର ପୃଥିବୀ ହୋଇପଡ଼ିଛି ଓଲଟପାଲଟ । ଆଜି ପରିବର୍ତ୍ତନର ସୁଅରେ ସବୁ ପାରମ୍ପରିକ ମୂଲ୍ୟବୋଧ ହୋଇପଡ଼ିଛି ଅଚଳ । ଆପଣାର ସ୍ୱାର୍ଥ ସିଦ୍ଧି ପାଇଁ ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି । କେଉଁଠାରେ ସଫଳତା ପାଇଁ ରାଜନୀତିକୁ ଅସ୍ତ୍ର ଭାବରେ ଗ୍ରହଣ କରିଛି ତ; ଅନ୍ୟ କେଉଁଠାରେ ଧର୍ମକୁ ଢାଲ କରି ମୁକ୍ତିର ମାର୍ଗ ଖୋଜିଛି । ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା' ସମୂହରେ ପାଇଛି ସ୍ୱୀକୃତି ।

ପରିଶେଷରେ କେବଳ ଏତିକି କହିବି- ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସମ୍ପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷର୍ଣ୍ଣ ହେବା ସ୍ୱାଭାବିକ । ଆପଣା ମାଟି, ପାଣି, ପବନ, ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ ।

# ମୃତ୍ୟୁ ଚେତନାର ନୀରବ ସାଧକ



ଡ ଚନ୍ଦ୍ରକଳା ନାୟକ
ଅଧ୍ୟାପିକା,
ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ,
ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ଓଡିଆ ସାହିତ୍ୟରେ ଯେଉଁ କେତେଜଣ ଅବିସ୍ମରଣୀୟ କବିଙ୍କ ନାମ ଶ୍ରଦ୍ଧାର ସହ ନିଆଯିବ, ସେମାନଙ୍କ ମଧ୍ୟରେ ପଦ୍ମଭୂଷଣ ରମାକାନ୍ତ ରଥ ଅନ୍ୟତମ। ତାଙ୍କ ସାହିତ୍ୟ ସତତ ଅବିସମ୍ବାଦିତ। ୧୯୩୪ ମସିହାରେ ରମାକାନ୍ତ ରଥଙ୍କ ଜନ୍ମ। ବାଲ୍ୟ ସମୟରୁ ସେ ଥିଲେ ମେଧାବୀ। ସ୍ନାତକ ଶିକ୍ଷା ସମାପ୍ତି ପରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତୀତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଆଇ.ଏ.ଏସ ହୋଇଥିଲେ। ଜଣେ ସଚ୍ଚୋଟ, ମେଳାପୀ ବନ୍ଧୁବତ୍ସଳ ମଣିଷ ଭାବେ ସେ ଯେତିକି ପରିଚିତ, ତଦପେକ୍ଷା ଜଣେ ସାରସ୍ୱତ ସାଧକ ଭାବେ ଅଧିକ ସମ୍ମାନୀତ। ଅତ୍ୟାଧୁନିକ ଜୀବନକୁ ଓ ଅନୁଭୂତିକୁ କାବ୍ୟ ରୂପ ଦେବାରେ ସେ ଥିଲେ ସିଦ୍ଧହସ୍ତ। କବି ରମାକାନ୍ତଙ୍କ ମତରେ- 'ସୁଖି ଲୋକମାନେ କଣ କବିତା ଲେଖନ୍ତି ? ଯେଉଁମାନେ ଦୁଃଖୀ ସେହିମାନେ ହିଁ କବିତା ଓ ଗଳ୍ପ ଲେଖନ୍ତି କାରଣ ବାଣ୍ଟିଦେବା ଦ୍ୱାରା କାଳେ ସେମାନଙ୍କ ଦୁଃଖ କମ ହୋଇଯିବ। ସୁଖୀ ଲୋକ କଣ କିଛି ବାଣ୍ଟେ, ସେ ତ ନିଜ ପାଖରେ ସବୁକିଛି ରଖିବାକୁ ଚାହେଁ। ସୁଖୀ ହୋଇଥିଲେ ଏ କବିତା ଲେଖୁଥାନ୍ତି କାହିଁକି ?'

ରମାକାନ୍ତଙ୍କ କବିତାରେ ଭରି ରହିଥିଲା, ସମସ୍ୟା ସମ୍ବନ୍ଧରେ ସ୍ୱର୍ଣ୍ଣ କାତରତା, ଆଧୁନିକତା, ପ୍ରାଚ୍ୟ ପାଶ୍ଚାତ୍ୟ ଦର୍ଶନ, ସାହିତ୍ୟ ସଂକ୍ରାନ୍ତ ଅମାପ ଜ୍ଞାନ। ସେ ପୂର୍ଣ୍ଣ ଭାବେ ଜଣେ ଆଧୁନିକ କବି। ମାନବ ସମାଜର ଜଣେ ସଚେତନ କବି ସତ୍ତା। ତାଙ୍କର ପ୍ରତ୍ୟେକଟି କବିତା ଓଡିଆ ସାହିତ୍ୟରେ ଏକ ନୂତନ ଦିଗକୁ ଉନ୍ମୋଚିତ କରିଛି। ତାଙ୍କ କବିତା ପୁସ୍ତକରେ ସେ କହିଛନ୍ତି, କବିତା ଲେଖିବା ତାଙ୍କର ଲକ୍ଷ୍ୟ। ପାଠକ କେତେ ଯେ ତାହା ଚିନ୍ତା ବାହାରେ। ଜନତାଙ୍କ ବାହା ବାହା ନେବା ତାଙ୍କ କବିତାର ଲକ୍ଷ୍ୟ ନୁହେଁ। ବରଂ ଆତ୍ମ ସନ୍ତୁଷ୍ଟି ଓ ନୂତନତା ହିଁ ଏକାନ୍ତ କାମ୍ୟ ତାଙ୍କ କବିତା ମଧ୍ୟରେ। ରମାକାନ୍ତ ରଥଙ୍କ କଥା ଆଲୋଚନା ବେଳେ ପାଶ୍ଚାତ୍ୟ ସ୍ରଷ୍ଟା ମାର୍କ ହାରିସ୍‌ଙ୍କ କଥା ମନେପଡେ। ସେ କହିଥିଲେ - ଆଇ ରାଇଟ ଲେଟ ଦ ରିଡର ଲର୍ଣ୍ଣ ଟୁ ରିଡ। ବାସ୍ତବରେ କବିତାଟିଏ ସବୁଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ମନ ଓ ହୃଦୟ ଭିତରେ ଅନୁଭବ କରି ପାରୁଥିବା ବ୍ୟକ୍ତି ହିଁ କବିତାର ଶ୍ରେଷ୍ଠ ପାଠକ। ରମାକାନ୍ତ ରଥଙ୍କ କ୍ଷେତ୍ରରେ ଏହି କଥାଟି ସଂପୂର୍ଣ୍ଣ ପ୍ରତିଫଳିତ ହୋଇଥିଲା। ଓଡିଆ ସାହିତ୍ୟରେ କବି ପଦ୍ମଶ୍ରୀ ସଚ୍ଚି ରାଉତରାୟ ଓ ଗୁରୁ ପ୍ରସାଦ ମହାନ୍ତିଙ୍କ ପ୍ରକୃତ ଉତ୍ତରସୂରୀ ଭାବେ ରମାକାନ୍ତ ରଥଙ୍କୁ ଗ୍ରହଣ କରାଯାଏ। ପାଶ୍ଚତ୍ୟ ଉପନ୍ୟାସିକ ଡଷ୍ଟୋଭସ୍କି ଓ କାମ୍ୟୁ ନାଟ୍ୟକାର ଷ୍ଟିନବର୍ଗ , ଚେକଭ୍, ବେକର୍ଟ ଓ ପିଣ୍ଟର , କବି ବୋଦେଲେୟାର, ରିଲ୍‌କେ, ଏଲିୟେଟ ଓ ଡିଲାନଟନାସ ଭଳି ଦାର୍ଶନିକଙ୍କ ପରମ୍ପରାରେ କବି ରମାକାନ୍ତ ରଥଙ୍କୁ ବୁଝିବାକୁ ହୋଇଥାଏ। ତାଙ୍କ କବିତା ସାଧାରଣ ଆଳାପ ନୁହେଁ ବରଂ ତାହା ସ୍ୱଗତୋକ୍ତି।

ତାଙ୍କ କବିତା ପୁସ୍ତକ ମଧ୍ୟରେ - କେତେ ଦିନର, ଅନେକ କୋଠରୀ, ସନ୍ଦିଗ୍ଧ ମୃଗୟା, ସପ୍ତମ ଋତୁ, ସଚିତ୍ର ଅନ୍ଧାର, ଶ୍ରୀରାଧା, ଶ୍ରୀ ପଳାତକ ଓ ଶ୍ରେଷ୍ଠ କବିତା ୧୯୯୨ ପାଠକ ମହଲରେ ଆଦୃତ ହୋଇଥିଲା। ୧୯୭୮ ମସିହାରେ ସପ୍ତମ ଋତୁ ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। 'ଅନେକ କୋଠରୀ' କବିତା ସଙ୍କଳନ କାଳ ଠାରୁ ରାମାକାନ୍ତ ରଥଙ୍କ କବିତା ରଚନା ଅଧିକ ଅଗ୍ରସର ହୋଇଥିଲା। 'କେତେ ଦିନର' କବିତା ସଂକଳନଟି ତାଙ୍କ କବି ଜୀବନର ଏକ ପ୍ରାଥମିକ ଉଦ୍ୟମ ମାତ୍ର ଥିଲା। କବିଙ୍କ 'ଗରୁଡ', 'ଧର୍ମପଦର ଆତ୍ମହତ୍ୟା'ଓ 'ଲଣ୍ଠନ' କବିତାରେ ରମାକାନ୍ତୀୟ କ୍ଳାନ୍ତି ଓ ନୈରାଶ୍ୟ ଲକ୍ଷ୍ୟ କରାଯାଇ ନାହିଁ। କିନ୍ତୁ ସେ ଦିନ ତାର ଉତ୍ତରାର୍ଦ୍ଧ ପରେ 'ଅଳ୍ପ ଦିନର କବିତାସଂକଳନ'ରେ ସମ୍ଭାବନାମୟ ଭବିଷ୍ୟତକୁ ସୁସ୍ପଷ୍ଟ କରିଦେଇ ଥିଲା। 'ଅନେକ କୋଠରୀ' କବିତା ସଂକଳନ କବିଙ୍କୁ ଏକ ନୂଆ ଦିଗନ୍ତ ସୃଷ୍ଟି କରିବାରେ ସହାୟକ ହୋଇଥିଲା ଓ ପାଠକ ମହଲରେ ଆଲୋଡନ ଆଣିଥିଲା। ଯାହା 'ସନ୍ଦିଗ୍ଧ ମୃଗୟା' ଓ 'ସପ୍ତମ ଋତୁ'ରେ ଏକ ନୂତନ ଚେତନାକୁ ସଂପ୍ରସାରିତ କରିଥିଲା। ଏହି ଚେତନା ଥିଲା - ମୃତ୍ୟୁ। ଆଧୁନିକ ଓଡିଆ କବିତାରେ ପ୍ରଥମ ଥର ପାଇଁ କବିତା ଭିତରେ ମୃତ୍ୟୁ ଚେତନା ସ୍ଥାନିତ ହୋଇଥିଲା। ତିନୋଟି ଜିନିଷକୁ ନେଇ କବିତା ଲେଖାଯାଏ ବୋଲି ପାଶ୍ଚାତ୍ୟ କବି 'ଦାନ୍ତେ' କହିଥିଲେ। ତାହା ହେଲା- ଯୁଦ୍ଧ, ପ୍ରେମ ଓ ଈଶ୍ୱର। ପ୍ରଥମ ଥର ପାଇଁ ଓଡିଆ ସାହିତ୍ୟରେ କବି ରମାକାନ୍ତ ରଥ ସେ କଥାକୁ ବଦଳାଇ ଅନ୍ୟଥାରେ ପ୍ରମାଣିତ କରିଛନ୍ତି। ସମୟ ମୃତ୍ୟୁଗ୍ରସ୍ତ ନିଶ୍ଚୟ। ଏ ଭାବନାର ସ୍ରଷ୍ଟା ଥିଲେ ରାମାକାନ୍ତ ରଥ। ଜୀବନ ଶୂନ୍ୟ, ବିଚ୍ଛିନ୍ନ, ଅର୍ଥହୀନ ଓ ଅପ୍ରକୃତିସ୍ଥ ବୋଲି କବି ତାଙ୍କ କବିତାରେ ବାରମ୍ବାର ପ୍ରମାଣିତ କରିଥିଲେ। ଜୀବନ କେତେବେଳେ ନିର୍ମମ ଓ ଉଦ୍‌ଭଟ ଏବଂ ଜୀବନ ପ୍ରତି ଅପରିସୀମ ବିତୃଷ୍ଣାରୁ ରମାକାନ୍ତ ରଥଙ୍କ କବିତାରେ ମୃତ୍ୟୁ ଚେତନାର ଜନ୍ମ ହୋଇଛି।

ତାଙ୍କ କାବ୍ୟ ନାୟିକା ଆତ୍ମ ସଚେତନ ମଣିଷଟିଏ। ଆଧୁନିକ ମଣିଷର ଭାଗ୍ୟ ହିଁ ତାର ଏକମାତ୍ର ପ୍ରସଙ୍ଗ। ମୃତ୍ୟୁ ଶାସିତ ଜୀବନର ଅସମ୍ପୂର୍ଣ୍ଣତା ସବୁ ପ୍ରକାର ଉଦ୍ୟମର ଅର୍ଥ ହୀନତା ହିଁ ମଣିଷର କପାଳ ଲିଖନ। ନିଷ୍ଫଳତା ନିଶ୍ଚିତ, ଏକଥା ଜାଣି ମଧ୍ୟ ମଣିଷ ନିର୍ମମ ଉପାୟହୀନତା ବିରୋଧରେ ଅବିଚଳିତ ଧୈର୍ଯ୍ୟ ଘେନି ସଂଗ୍ରାମ କରି ଚାଲିଛି। ଶ୍ରୀ ରଥଙ୍କ କାବ୍ୟ ନାୟକଙ୍କ ଉଦ୍ୟମ ତାଙ୍କ କବିତା 'ସଂଧ୍ୟା ବେଳର ଦୃଶ୍ୟ'ରେ ସ୍ପଷ୍ଟ ପ୍ରତିଫଳିତ। ଏଥିରେ କବିଙ୍କ ଭାଷାରେ

ପ୍ରତି ଋତୁ ଭଙ୍ଗା ହାଣ୍ଡି , ପ୍ରତି
ବର୍ଷା ଚିରା ଅଖା , ଯାକୁ ଗୋଡି ପଥରରେ
ଭର୍ତ୍ତି କରୁଛନ୍ତି, ଏକ ପାଗଳାଖାନାରେ
ସ୍ତ୍ରୀ ଲୋକ ଶତାବ୍ଦୀର ଅନନ୍ତ ସଂଧ୍ୟାରେ।

ଏଠି କାବ୍ୟ ନାୟକର ସମସ୍ତ ଉଦ୍ୟମ ବ୍ୟର୍ଥ, ସମୟ ଜୀର୍ଣ୍ଣ, ତାର ସଂଚୟ ନିରର୍ଥକ। ସେ ଦୁଃଖିତ କିନ୍ତୁ ସେ ସଂପୂର୍ଣ୍ଣ ନିରୂପାୟ। ଆଧୁନିକ ମାନବ ଜୀବନର ତୀବ୍ର ଯନ୍ତ୍ରଣାର ବୋଝ ଓ ଦହନକୁ କବି 'ଲଣ୍ଠନ' କବିତାରେ ପ୍ରକାଶ କରିଛନ୍ତି। ଜୀବନ ବଂଚିବା ପାଇଁ ମଣିଷ ସବୁ କରିପାରେ। ପେଟର କ୍ଷୁଧା ନିକଟରେ ବିବେକ ଓ ଆଦର୍ଶ ଆପେ ଆପେ ସ୍ଥାଣୁ ହୋଇଯାଏ। ତୀବ୍ର ଜ୍ୱଳନ ହେଉଛି ସାଂପ୍ରତିକ ଆଧୁନିକ ମଣିଷର ଏକମାତ୍ର ନିୟତି। କବିଙ୍କ ଭାଷାରେ -

ମୁଁ ଜଳୁଛି ଓ ଜଳୁଛି ତୀବ୍ର ଦରଦରେ
ମିଡିୟମ ଧୋତି ଏବଂ ଇସ୍ତ୍ରୀ କରା ଅଧା କାମିଜ୍‌ରେ।

ଏଥିରେ ଆଧୁନିକ ମଣିଷର ଆଶା ନାହିଁ କିମ୍ବା ସ୍ୱପ୍ନ ନାହିଁ, ଅଛି କେବଳ ଶୂନ୍ୟତା। କବି ରମାକାନ୍ତ ରଥଙ୍କ କାବ୍ୟ ନାୟକ ବେଳେ ବେଳେ ମାନସିକ ରୋଗୀ ହୋଇପାରେ କିନ୍ତୁ ଆତ୍ମ ସଚେତନ ମଣିଷ। କବିଙ୍କ କାବ୍ୟ ନାୟକ ଗାଧୁଆ କୁଣ୍ଡରେ ମାଛ ନଥିବା ଜାଣି ବି ବଂଶୀ ପକାଏ। ତା ପାଇଁ ପ୍ରେମ ଜହ୍ନ ରାତିର ମାୟା ଭିନ୍ନ ଅନ୍ୟ କିଛି ହୋଇ ନପାରେ। କବିଙ୍କ ଭାଷାରେ -

ବେଳେ ବେଳେ ମନେହୁଏ ମୁଁ ଆକାଶ, ପ୍ରଶସ୍ତ ଅଥଚ
ଫାଙ୍କା, ଏବଂ ଦେଖୁଅଛି ପୃଥିବୀ ଯେପରି
ତମେ ଠିକ ସେହିପରି, ମେଲା କରିଅଛ ହାତ ମାନ,
ଯେଉଁଠାରେ ଓହ୍ଲାଇଲେ ସେହିଠାରେ ତୁମ ଆଲିଙ୍ଗନ।

କବିଙ୍କ ସାହିତ୍ୟରେ ଦୁଇଟି ବିଷୟ ଲକ୍ଷ୍ୟ କରାଯାଇଥାଏ। ଗୋଟିଏ ଅମୋଘ ମୃତ୍ୟୁ ଚେତନା ଓ ଅନ୍ୟଟି ଅକ୍ଷମ ଉତ୍ତରଣ ପ୍ରୟାସ। ବ୍ୟକ୍ତି ସତ୍ତାର ଦୁଃଖରେ କବି ସତ୍ତାର କୌତୁକ କିଛି କମ ନୁହେଁ। କବିଙ୍କ ଲିଖିତ ହୃଦୟେଶ୍ୱରୀ କବିତାରେ କବି ଦୁହେଁ ଦୁଇ ବନ୍ଧୁର ଭୂମିକାରେ ଆତ୍ମ ପ୍ରକାଶ କରି ଲେଖିଛନ୍ତି-

ମୁଁ ଜାଣିଛି ବିଭାଘର ଆଗୁଁ କାହା ପ୍ରେମରେ ପଡିଲେ
ବା ବାକଦତ୍ତାକୁ ଛାଡି ଆଉ କାହା ସଙ୍ଗେ ଘର କଲେ
କଳାଧନ କୋଠାଘର କଲେ ବା ସୁନ୍ଦରୀ
ଭାର୍ଯ୍ୟା ସଙ୍ଗେ ଦିନ ନେଲେ ଈଶ୍ୱରଙ୍କୁ ସ୍ମରଣ ନକରି,
ପରମାୟୁ ଅଳ୍ପ ହୁଏ ଓ ପ୍ରେତାତ୍ମା ଅଶାନ୍ତ ଭାବରେ
ବାରବର୍ଷ ପୃଥବୀରେ ଇତଃସ୍ତତ ବୁଲେ ଅନ୍ଧକାରେ
ତାହା ପରେ ବିଶା ଶହେ ବର୍ଷ ଧରି ନର୍କେ କ୍ଳେଶ ପାଏ।

କବିଙ୍କ କବିତା ଅତ୍ୟନ୍ତ କଳା ସଚେତନ ଧର୍ମୀ। ତାଙ୍କ କବିତାର ନାମକରଣରୁ ଏହି ଦୁର୍ଲକ୍ଷ୍ୟ ସ୍ପଷ୍ଟ ପ୍ରତିଫଳିତ ହୋଇଥାଏ। କେତେକ କବିତାର ନାମ ଯେପରି - ବର୍ଷାଋତୁ, ବସନ୍ତ ଋତୁ, ଅପରାହ୍ନ, ସୂର୍ଯ୍ୟାସ୍ତରେ ଶବ ସଂସ୍କାର, ସଂଧ୍ୟାବେଳର ଦୁଃଖ, ସମୟକୁ ଚାରୋଟି ଚୋରା ଚାହାଣୀ ଓ ଉଜ୍ଜ୍ୱଳ ଭବିଷ୍ୟତ ପରି ଅନେକ କବିତାରୁ କବିଙ୍କ କଳା ସଚେତନତା ପ୍ରତି ମୋହ ଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। କାବ୍ୟ ନାୟକ କାଳର ଅଶୁଭ ଅନୁଦାର ମୃତ୍ୟୁ ରୂପକୁ ଦେଖିଛି। ନାୟକ କାଳ ପାଇଁ କେବଳ ଅଶୁଭ ନୁହେଁ। ତାହା ବେଳେ ବେଳେ କୁତ୍ସିତ, କଦାକାର ଓ ଅକଲ୍ୟାଣକାର ମଧ୍ୟ ହୋଇଛି। ତାଙ୍କ 'ଶିଷ୍ଟାଚାର' କବିତାରେ କବି ଲେଖିଛନ୍ତି-

ସେମାନେ ନିଜେ ଭାସି ଯାଉଛନ୍ତି ନଈର ପ୍ରଖର
ସୁଅରେ ଅଜଣା ଏବଂ ଅନ୍ଧକାରଚ୍ଛନ୍ନ ମୁହାଁଣକୁ।
ସମସ୍ତେ ଅସ୍ଥିର ଆମେ, ପ୍ରତି ମିନିଟରେ
ଗୋଟିଏ ସ୍ଥିତିରୁ ଯାଉ ପୃଥକ ସ୍ଥିତିକୁ
ଏତେ କ୍ଷୀପ୍ର ଗତିରେ ଯେ ମୁଣ୍ଡ ଘୁରିଯାଏ।

କବି ମଣିଷକୁ କାଳାବିଷ୍ଟ ପ୍ରାଣୀଟିଏ ମାତ୍ର ବୋଲି କହିଛନ୍ତି। ମଣିଷ ଏକମାତ୍ର ପ୍ରାଣୀ, ଯାହାର ମୃତ୍ୟୁ ଭୟ ରହିଛି। ସେ ନିଜର ମୃତ୍ୟକୁ ମଧ୍ୟ ଅନେକ କ୍ଷେତ୍ରରେ ବହୁ ପୂର୍ବରୁ ଦେଖିପାରେ। କବିଙ୍କ 'କଳାହସ' କବିତାରେ ଲେଖିଛନ୍ତି-

ହସ କିନ୍ତୁ ବଡ ଚମତ୍କାର
ଖିଲ୍ ଖିଲ୍ ହୋଇ ଶୁଭେ କୁଳୁ କୁଳୁ ନଈ ପାଣି ପରି।
ଚାପି ଦେଇ କେତେ କାନ୍ଦ କେତେ ଦୀର୍ଘଶ୍ୱାସ
କୁକୁରଙ୍କ ଲମ୍ବା ବାହୁନା ଓ
ବିଲୁଆଙ୍କ କାନଫଟା ହୁକେ ହୋ ଚିତ୍କାର।

ଭାଗ୍ୟକୁ କବି ଏଠି ଅତିଥି ବୋଲି ବ୍ୟଙ୍ଗ କରିଛନ୍ତି , ଆଉ କେଉଁଠି ରାକ୍ଷାସୁଣି ବୋଲି ଅଭିଶାପ ଦେଇଛନ୍ତି। କବିଙ୍କ କବିତାରେ ସର୍ବଦା କାଳ ଚେତନାରେ ଅସ୍ତିତ୍ୱବାଦର ନିୟତି ଧାରଣା ସ୍ପଷ୍ଟ ଓ ଗଭୀର ପ୍ରଭାବି ହୋଇଛି।

ପାଶ୍ଚାତ୍ୟ କବି ଟମାସ୍ ଯାହା କହିଥିଲେ, ଆମ କବି ରାଧାନାଥ ଯାହା 'ମହାଯାତ୍ରା'ରେ ବର୍ଣ୍ଣନା କରିଛନ୍ତି, ସେହି କଥାକୁ କବି ରମାକାନ୍ତଙ୍କ ଭାଷାରେ 'ପୁତ୍ତଳିକା' କବିତାରେ ଲେଖିଛନ୍ତି-

ମୁଁ କନ୍ତୁ ଅଟଇ ବନ୍ଧୁ ଅବିଚ୍ଛିନ୍ନ ମୃତ୍ୟୁର ନିର୍ଯ୍ୟାସ
ଜନନୀର ଗର୍ଭପାତ ଆଗୁ ମୋ ଗଳାରେ ତା ନାଡୀ
ଭିଡିହେଲା ଫାସ ପରି ମଲାଛୁଆ ହୋଇ ଜନ୍ମ ହେଲି।

କବିଙ୍କ କାବ୍ୟ ନାୟକ ଜନ୍ମ ପୂର୍ବରୁ ମରିନାହିଁ କି ? ଯେହେତୁ ମୁଁ ସୂର୍ଯ୍ୟାସ୍ତର ବହୁ ଆଗରୁ ମରି ସାରିଥିଲି ଏବଂ ଏ ଘାଟକୁ ଆସିଥିଲି, ଶେଷଥର ଲାଗି। 'ସୂର୍ଯ୍ୟାସ୍ତରେ ଶବ ସଂସ୍କାର' କବିତାରେ ଚମତ୍କାର ଭାବରେ ମୃତ୍ୟୁ ଚେତନାକୁ ଜାଗ୍ରତ କରାଯାଇଛି। ନିଜର କ୍ଷୁଦ୍ରତା, ଅକ୍ଷମତା ଓ ଆଧ୍ୟାତ୍ମିକ ପଙ୍ଗୁତା ପ୍ରତି ବିତୃଷ୍ଣା ହିଁ ତାଙ୍କ ବିଷାଦ ବେଦନାର ଉତ୍ସ। ସୃଷ୍ଟିରେ ଧ୍ୱଂସମୟ ପ୍ରତ୍ୟକ୍ଷ ମୃତ୍ୟୁ ଭୟାବହ ନିଶ୍ଚୟ। ମାତ୍ର ତା ଠାରୁ ଆହୁରି ଅଧିକ ଭୟାବହ ଜୀବନ୍ତ ମରଣ। କବି ରମାକାନ୍ତଙ୍କ କାବ୍ୟ ନାୟକ ଏହି ଜୀବନ ମରଣକୁ ବାରମ୍ବାର ଭେଟିଛି। କବିଙ୍କ ରିକ୍ତତା, ନିଷ୍ଫଳତା, ଅଚରିତ୍ରଥା ସର୍ବତ୍ର ବ୍ୟାପୀ। ସେଥିପାଇଁ ପ୍ରକୃତି, ରିକ୍ତ ଗ୍ରୀଷ୍ମର ପ୍ରକୃତି। ପରିବେଶ ବି ସେଠି ମୃତ୍ୟୁ ଗ୍ରସ୍ତ। ଯେପରି କବି ଲେଖିଛନ୍ତି-

ସଞ୍ଜ ପରେ ଆଉ ନାହିଁ
ଖରା ? ନଈର ସେପାଖେ
ଏକ ନାରୀ ମୂର୍ତ୍ତି ଯାର
ସରହଦ ଦିଶେ ଚନ୍ଦ୍ରାଲୋକ।
ତା ଆଖିରେ ହିଂସ୍ର ଖରା ଏକ ଧ୍ୱଂସ ସହର ସାମ୍ନାରେ
ଭଙ୍ଗାରୁଜା ବଖରାଙ୍କ ପଦ୍ମବନେ ଖରା
ହାତୀ ପରି ଧସିଚାଲେ
ବିଧବାର ନିଷ୍ଫଳ ଅନ୍ଧାରେ।

କବି ରମାକାନ୍ତଙ୍କ କବିତାରେ ପାଶ୍ଚାତ୍ୟ ସାହିତ୍ୟ ଏଲିୟଟ୍‌ଙ୍କ ପ୍ରଭାବ ଅଧିକ ପ୍ରଭାବିତ। ସେଥିପାଇଁ କାବ୍ୟ ଏବଂ କାବ୍ୟାଦର୍ଶ ଅନୁଶୀଳନରୁ ସେ ଆତ୍ମ ସଚେତନତା, ମନନବୈଚିତ୍ର୍ୟ, ଛନ୍ଦନୈପୂଣ୍ୟ ଓ ନୈର୍ବ୍ୟକ୍ତିକତାର ଆଦର୍ଶ ଲାଭ କରିଛନ୍ତି। ଐତିହ୍ୟନିଷ୍ଠ ହୋଇଛନ୍ତି ଏବଂ ପ୍ରେମ, ମୃତ୍ୟୁ, କାଳ ଓ ବିଧାତାଙ୍କ ସମ୍ବନ୍ଧରେ ନୂଆ କରି ଭାବିଛନ୍ତି। ଅଖଣ୍ଡ ଦଣ୍ଡାୟମାନ ଶୀତଳ ମୃତ୍ୟୁ ସିନ୍ଧୁ ନିକଟରେ ସେ ରାତିଟିଏର ଅମୃତ ଅବକାଶ ପ୍ରାର୍ଥନା କରୁଛନ୍ତି। କବି ଲେଖିଛନ୍ତି-

ଏହି ଶୀତଳ ସମୁଦ୍ର ମୁଁ ଆଜିକ ନଫେରେ
ତମ ନିକଟକୁ , ଆଜି ରାତିସାରା
ବୁଲୁଥାଏ କକ୍ଷଚ୍ୟୁତ ତାରାଙ୍କ ସାଙ୍ଗରେ।

ଦୁଃଖ ଓ ବ୍ୟର୍ଥତା ହାତରୁ ମୁକ୍ତି ମିଳେ, ପ୍ରେମର ଅପାର ଆନନ୍ଦରେ ମନପ୍ରାଣ ପୁରିଯାଏ। ହେଲେ ନିର୍ମମ ମୃତ୍ୟୁ କି ମୁକ୍ତ ଦେବ ? ପ୍ରାର୍ଥନା ଶୁଣିବ ? ମୃତ୍ୟୁକୁ ପରିଶୀଳିତ ଶକ୍ତି ବଳରେ ଅତିକ୍ରମ କରିବାକୁ ହୁଏ, ଅସହାୟ ପ୍ରାର୍ଥନାରେ ନୁହେଁ। ଶ୍ରୀ ରଥ ମୃତ୍ୟୁର କବି ହୋଇ ଥିବାରୁ ପ୍ରେମରେ ମୁକ୍ତି ଖୋଜନ୍ତି, ପ୍ରେମରେ ବାରମ୍ବାର ମୃତ୍ୟୁକୁ ବି ଭେଟନ୍ତି। ତାଙ୍କ କବିତାରେ ପ୍ରେମ ଓ ମୃତ୍ୟୁ ପରସ୍ପର ପ୍ରତିସ୍ପର୍ଦ୍ଧୀ। କବିଙ୍କ କାବ୍ୟ ନାୟିକା ବି ଏଥିରୁ ଭିନ୍ନ ନୁହନ୍ତି। କବିଙ୍କ ଶ୍ରେଷ୍ଠ କବିତା ସଂକଳନ 'ଶ୍ରୀରାଧା' ରେ ଚମତ୍କାର ଭାବରେ ପ୍ରେମ ଓ ମୃତ୍ୟୁର ଭିନ୍ନତା ଲକ୍ଷ୍ୟ କରିହୁଏ। 'ଶ୍ରୀରାଧା' ପରି ପ୍ରଗାଢ ଉତ୍ତୀର୍ଣ୍ଣ ପ୍ରେମରେ ଦେହଜରୁ ଦେହାତୀତ ପ୍ରେମରେ କବି ମୃତ୍ୟୁକୁ ଆଉଁସି ଦେଇଛନ୍ତି। ଇହ ଜଗତ ବାହାରେ ଅବସ୍ଥିତ ଦିବ୍ୟ ଭାବ ସହିତ ଏକାକାର ହେବା ଆଧୁନିକ ଓଡିଆ କବିତାକୁ ଏକ ନୂତନ ସତ୍ତା ପ୍ରଦାନ କରିଛି। କବି 'ଶ୍ରୀରାଧା' କବିତାରେ ଲେଖିଛନ୍ତି-

ମୁଁ ତୁମର ଅନ୍ୟତମ ବିଧବା ନୁହେଁ କି
ତମ ଶବ ପଛେ ପଛେ ଯାଉଥିବା
ଲୋକଙ୍କ ଭିତରୁ
ଜଣେ ନୁହେଁ, ତମର ଶବ ତ
ବହୁ ଦୂର ବୃନ୍ଦାବନ ଠାରୁ ।
ସୁନ୍ଥାରେ ସିନ୍ଦୁର ମୋର
ଏବେ ଏବେ ବେଶି ଲାଲ ଦିଶେ
ଲୋକଙ୍କ ବିନୋଦ ପାଇଁ ନାଚିବା
କୁଦିବା
ଛାଡିଦେଇ ଆସ ବରବେଶେ।

ବୃନ୍ଦାବନ ନିବାସିନୀ ରାଧା ଏକ ଭିନ୍ନ ରାଧା। ରମାକାନ୍ତଙ୍କ 'ଶ୍ରୀରାଧା' ଗଭୀର ପୀଡାର ଓ ଆନନ୍ଦପ୍ଲୁତ ଦିବ୍ୟ ମୂର୍ତ୍ତିମନ୍ତ ପ୍ରତୀକ। ଏ ରାଧା ତାଙ୍କର ପ୍ରସାରିତ ଦୁଇ ବାହୁ ମଧ୍ୟରେ ଥିବା ଭିତରେ ଉଦଗ୍ରୀବ ଶୂନ୍ୟସ୍ଥାନର ଶ୍ୟାମବର୍ଣ୍ଣକୁ ଦେଖି ସର୍ବାଙ୍ଗ ଶିହରିତ ହୁଏ। ଦୈତ୍ୟ ଭାବର ଅତଳତର ବିଶାଦ ଅଦୈତଭାବର ଉନ୍ମାଦକାରୀ ପୁଲକରେ 'ଶ୍ରୀରାଧା' ଉନ୍ମୁଖ ହୋଇଥାଏ।

ଜୀବନ ପ୍ରତି ଜଗତ ପ୍ରତି କବିଙ୍କ ଦୃଷ୍ଟିକୋଣ ନୈରାଶ୍ୟ ଓ ସମ୍ଭାବନାହୀନତାର ଭାବନାରେ ପ୍ରତିଷ୍ଠିତ। ସେ ନୀତିନିପୁଣ କୌଣସି କଥା ଶୁଣାଇ ନାହାନ୍ତି। ସମାଜପତି ଭାବରେ ସମାଜକୁ ଗଢିବାକୁ ଆହ୍ୱାନ ବି ଦେଇ ନାହାନ୍ତି। ଏମିତିକି ସୌନ୍ଦର୍ଯ୍ୟର ଉପାସକ ଭାବରେ କଳ୍ପନାର ରାଇଜରେ ଘୁରି ବୁଲିବାର ଇଲାକାକୁ ନେଇ ଯାଇ ନାହାନ୍ତି। ଜୀବନର ନିଛକ ବାସ୍ତବତାକୁ ହିଁ ପାଠକ ନିକଟରେ ଉପସ୍ଥାପିତ କରିଛନ୍ତି। ପଦ୍ମଭୂଷଣ ରମାକାନ୍ତ ରଥଙ୍କ ପାର୍ଥୀବ ଶରୀର ପଂଚଭୂତରେ ଲୀନ ହୋଇଯାଇଛି। ଆଉ ଜଣେ ରମାକାନ୍ତଙ୍କୁ ପଞ୍ଚ ମହାଭୂତ କେବେ ବି ତିଆରି କରିପାରିବ ନାହିଁ। ମାତ୍ର ତାଙ୍କ ସୂକ୍ଷ୍ମ ଶବ୍ଦରାଜି, ମାଟି, ଆକାଶ, ପାଣି, ପବନ, ଜ୍ୟୋତିରେ ଏମିତି ମିଶି ଯାଇଛି ଯେ, ତାହା କେବଳ ଓଡିଆ ସାହିତ୍ୟରେ ନବୀନ କାବ୍ୟ ନିର୍ମାତାଙ୍କୁ ତିଆରି କରିବା ସହ ଏକ ନୂଆ ରାସ୍ତା ଦେଖାଇବ। ମୃତ୍ୟକୁ ଉପାଦାନ ଭାବେ ଖୁବ ପ୍ରେମ କରନ୍ତି ରମାକାନ୍ତ। ସେଥିପାଇଁ ସେ ହେଉଛନ୍ତି ଯୁଗାନ୍ତକାରୀ ସ୍ରଷ୍ଟା। ଜଣେ ସ୍ୱାଧୀନଚେତା ଦାର୍ଶନିକ ନିରବି ଯାଇଥିବା କବି ପ୍ରାଣ ଆଜି ବି ମୃତ୍ୟୁ ଚେତନାର ନୀରବ ସାଧକ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy  E-mail : sambadkalikanews@gmail.com  City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଆତ

ସନ୍ତୋଷ ମିଶ୍ର



ସକାଳେ ସୁରଭିକୁ ବାଲେଶ୍ୱରରୁ ଫୋନ୍ କରିଥିଲା ମା ' । କହୁଥିଲା - ଏ ବର୍ଷ ପ୍ରଚୁର ଆତ ଫଳିଚି । ବଡ଼ ବଡ଼, ବହୁତ ଲୋଭନୀୟ ଆଉ ମିଠା । ତୋର ତ ଏବେ ପାଞ୍ଚ ମାସ ହେଲାଣି । ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଖାଇବାକୁ ଇଚ୍ଛା ହେଉଥିବ । ମୁଁ ଜାଣେ ଏକା ଥରକେ ୪/୬ ଟା ଆତ ନଖାଇଲେ ତୋ ମନ ଶାନ୍ତି ହୁଏ ନାହିଁ । ଏଠି ଥିଲେ ସିନା ଖାଇଥାନ୍ତୁ । ସୁରଭି ହସି ହସି କହିଲା - ଏଇଟା ଗୋଟେ କଥା !! ମୁଁ ଶ୍ୱଶୁରଙ୍କୁ କହିବି ଏଥର ଉଦଳା ହାଟକୁ ଗଲେ ମୋ ପାଇଁ ୪/୫ କିଲୋ ଆତ ଆଣିଦେବେ । ମୁଁ ମନ ଇଚ୍ଛା ଖାଇବି । ମନ ଶାନ୍ତି ହେଲା ପର୍ଯ୍ୟନ୍ତ ଖାଇବି । ହେଲା ତ !! ମା କହିଲା - ହଉ, ଭଗବାନ ତୋ ଇଚ୍ଛା ପୂରଣ କରନ୍ତୁ !!

ପରଦିନ ହାଟକୁ ବାହାରିଲେ ଶଶୁର । ଉଦଳା ହାଟ । ଗାଁଠାରୁ ଦୂରତା ପ୍ରାୟ ଛଅ କିଲୋ ମିଟର । ବାଟରେ ନଦୀ ପଡେ । ନଦୀ ପାର ହେବାକୁ ଏକମାତ୍ର ମାଧ୍ୟମ ଡଙ୍ଗା । ଉପର ଓଳି ହାଟରୁ ଫେରିବା ବେଳକୁ ପ୍ରବଳ ଭିଡ଼ ହୁଏ ।ତେଣୁ ଶୀଘ୍ର ହାଟକୁ ଯାଇ, କାମ ସାରି ଶୀଘ୍ର ଘରକୁ ଫେରିବା କଥା ଚିନ୍ତା କରୁଥିଲେ ଶ୍ୱଶୁର ମାଧବାନନ୍ଦ । ଯିବା ପୂର୍ବରୁ ବୋହୂକୁ ପଚାରିଲେ - ମା 'ରେ ତୋ ପାଇଁ ହାଟରୁ କଣ ଆଣିବି କହ । ନମ୍ର ଭାବେ କହିଲା ସୁରଭି - ବାପା ! ହାଟରେ ତ ଆତ ମିଳୁଥିବ । କିଛି ଆତ ଆଣନ୍ତେନି ! ଖାଇବାକୁ ଭାରି ଇଚ୍ଛା ହେଉଛି । ମାଧବାନନ୍ଦ ହସିହସି କହିଲେ - ହଉ , ଠିକ୍ ଅଛି । ଆଣିବି ।

ମାଧବାନନ୍ଦଙ୍କ ବଡବୋହୂ ଦୁଇ ପୁଅଙ୍କୁ ଧରି ଉଦଳାରେ ଘର ଭଡ଼ା ନେଇ ରହୁଥିଲା । ବଡ଼ପୁଅ ବାହାରେ ଚାକିରି କରୁଥିଲା । ମାତ୍ର ଚାଉଳ, ମୁଢ଼ିଠୁଁ ଆରମ୍ଭ କରି ପନିପରିବା, ମାଛ ମାଂସ ପର୍ଯ୍ୟନ୍ତ ସବୁ କିଛି ଯୋଗାଇ ଆସୁଥିଲେ ମାଧବାନନ୍ଦ । ହାଟରେ ଯାହା କିଣନ୍ତି ତାର ଅର୍ଦ୍ଧାଂଶ ଉଦଳାରେ ଦେଇ ଅବଶିଷ୍ଟ ଗାଁରେ ଥିବା ନିଜ ଘରକୁ ନିଅନ୍ତି । ସୌଭାଗ୍ୟକୁ ସେଦିନ ହାଟରେ ଗୁଡ଼ାଏ ଉତ୍ତମ ମାନର ଆତ ମିଳିଗଲା । ମାଧବାନନ୍ଦ ସେଥିରୁ ୧୦ କିଲୋ କିଣିଲେ । ଭାବିଲେ ୫ କିଲୋ ବଡ଼ବୋହୂ ପାଖରେ ଦେଇ ଅବଶିଷ୍ଟ ସାନବୋହୂ ପାଇଁ ନେଇଯିବେ । ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ କିଣି ସାରିବା ପରେ ବଡ଼ବୋହୂ ରହୁଥିବା ଭଡ଼ାଘର ଅଭିମୁଖେ ସାଇକେଲ ଗଡାଇଲେ ମାଧବାନନ୍ଦ ।

ଭଡ଼ା ଘରେ ପହଞ୍ଚି ବଡ଼ପୁଅ ଆସିଥିବାର ଦେଖିଲେ । ପନିପରିବା, ମାଛ ସମେତ ୫ କିଲୋ ଆତ ବାହାର କରି କହିଲେ - ସାନ ବୋହୂ ଆଜି ଆତ ପାଇଁ ବରାଦ କରିଥିଲା । ଯାହାହେଉ ମିଳିଗଲା । ବଡ଼ପୁଅ ଗୋଟିଏ ଆତ ଧରି କହିଲା - ବହୁତ ବଢିଆ । ତାପରେ ଆତଟିକୁ ଭାଙ୍ଗି ଚାଖି କହିଲା - ଚମତ୍କାର !! ଅମୃତ ଭଳି ଲାଗୁଚି । ମାଧବାନନ୍ଦ - ଡାହାଣ ହାତରେ ମୁହଁର ଦୁଇ ପାର୍ଶ୍ୱରେ ଆଙ୍ଗୁଳି ସଞ୍ଚାଳନ ପୂର୍ବକ ହସିହସି କହିଲେ - ସାନ ବୋହୂର ଆତ ଖାଇବା ପାଇଁ ଇଚ୍ଛା ହେଲା । ବାସ୍ତବିକ୍ ଭାରି ଚିନ୍ତାରେ ପଡିଥିଲି ମୁଁ । କାଳେ ଆତ ମିଳିବ କି ନାହିଁ । ଅସଜ ମଣିଷଟା । ନଖାଇ ପାରିଲେ ଜନ୍ମିତ ପିଲା ପାଟିରୁ ଲାଳ ଗଡିବା ବନ୍ଦ ହେବ ନାହିଁ । ଯାହାହେଉ ମିଳିଗଲା ।

ସାନବୋହୁ ପ୍ରତି ବାପାଙ୍କର ଅନାବିଳ ସ୍ନେହଭାବ ଦେଖି ଈର୍ଷାରେ ଜଳିଗଲା ବଡ଼ପୁଅ ବିକାଶ । ମନ ଭିତରେ ସହସା ଉଦ୍ରେକ ହେଲା ଦୁଷ୍ଟବୁଦ୍ଧି । କୁଟିଳ ହସ ପରିସ୍ଫୁଟ ହେଲା ମୁହଁରେ । କହିଲା - ବାପା ! ସବୁ ଗୁଡ଼ିକ ଆତ ଏଠାରେ ଦେଇଯାଅ । ଭାରି ସୁଆଦିଆ । ବରଂ ସାନବୋହୁ ପାଇଁ ପୁଣି ଥରେ ହାଟରୁ କିଣି ନେଇଯିବ । ହତାଶ ହୋଇ ମାଧବାନନ୍ଦ କହିଲେ - ହାଟରେ ଆଉ କଣ ଆତ ମିଳିବ !! ଦୃଢ଼ କଣ୍ଠରେ ବିକାଶ କହିଲା - ସବୁଗୁଡିକ ଆତ ମୁଁ ରଖି ନେଉଛି । ଯାଇ ଦେଖ, ହାଟରେ ମିଳୁଛି କି ନାହିଁ । ଯଦି ନମିଳେ ଆସନ୍ତା ହାଟପାଳିରେ ନେବ । ଏଥିରେ ବ୍ୟସ୍ତ ହେବାର କଣ ଅଛି ।

ମାଧବାନନ୍ଦ ହାଟରୁ ଫେରି ଘରେ ପହଞ୍ଚିବା ମାତ୍ରେ ସାନବୋହୁ ପଚାରିଲା - ବାପା, ଆତ ମିଳିଲା କି । ମାଧବାନନ୍ଦ ବିରକ୍ତିଭରା କଣ୍ଠରେ କହିଲେ - ରହମ , କାହିଁକି ଆତ ଆତ ହେଉଚୁ । ଆତ ମିଳିଲା ନାହିଁ । ଦେଖିବା ଆର ହାଟ ପାଳିରେ କଣ ହେଉଚି ।

ତା ପରଠୁଁ ଆଉ କୌଣସି ହାଟ ପାଳିରେ ଆତ ପାଇ ପାରିଲେନି ମାଧବାନନ୍ଦ । ବୋହୂକୁ ଆତ ଖୁଆଇ ନପାରିବାର ଅବସୋସ ତାଙ୍କ ମନଭିତରେ ରହିଗଲା ।

ଯଥା ସମୟରେ ସୁରଭିର ପୁଅଟିଏ ଜନ୍ମ ହେଲା । ମାତ୍ର ଆତ ପାଇଁ ଅବଦମିତ ଇଚ୍ଛାର ପରିଣତି ସମ୍ପର୍କରେ ଚିନ୍ତାକରି ସେ ଆତଙ୍କିତ ହୋଇ ପଡୁଥିଲା । ଦିନେ ନିଭୃତରେ ମାଧବାନନ୍ଦ ତାଙ୍କ ସ୍ତ୍ରୀଙ୍କୁ କହୁଥିଲେ - ଏଡେ ଚଣ୍ଡାଳ ସେ ବିକାଶଟା ! କେତେକରି କହିଲି ଅନ୍ତତଃ ତିନିଟା ଆତ ଆମକୁ ଦେଉ...ହେଲେ ସେ କିଛି ଶୁଣିଲାନି । ଅସଜ ବୋହୁଟାର ଆଶା ପୂରଣ ହୋଇ ପାରିଲାନି । ଏମିତି ଅବିବେକୀ, ନିର୍ଦ୍ଦୟ, ସ୍ୱାର୍ଥପର ପୁଅ ଭଗବାନ କାହାକୁ ନଦିଅନ୍ତୁ !!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

# ଟାକ୍ସି ଡ୍ରାଇଭର

ଶ୍ରୀଧର ପଟ୍ଟନାୟକ




'ଟାକ୍ସି ... ଏ ଟାକ୍ସି ଗୋପାଳପୁର ଛକ ଯିବୁ ।'
ଆଜ୍ଞା ହଁ,
କେବଳ ଉତ୍ତର ଆସିଲା, ଆଉ ଟାକ୍ସି ବି ।
ରାତି ଦୁଇରେ ଟାକ୍ସି ଏ ଛକରେ ମିଳିବା କମ୍ କଥା ନୁହେଁ, ସମୟ ନଷ୍ଟ ନ କରି ଗାଡିରେ ବସିଲା ବସନ୍ତ । ଟାକ୍ସି ଚାଲିଲା । ଘରକୁ ଫୋନ ଲଗେଇଲା ସେ , 'ଆସୁଛି । ଟାକ୍ସି ମିଳିଗଲା ।'
ଏଃ ତୋ ନାଁ .. ?
ହୁଁ, ଜାଣିନି ।
ଘର କୋଉଠି ?
ଯୋଉଠୁ ଆସିଥିଲି ।
ଗାଡି ଦ୍ରୁତ ବେଗରେ ଗଡୁଥାଏ । ଟିକିଏ ଧୀରେ ଚାଲ୍, ବ୍ୟସ୍ତ ନାହିଁ । ବସନ୍ତ ପରାମର୍ଶ ଦେଲା ।
ବ୍ରେକ୍ ନାହିଁ । ଉତ୍ତର ଆସିଲା ।
ଆରେ ହେଃ, ରାଗିଯାଇ ବସନ୍ତ ଟାକ୍ସିବାଲାକୁ ଚାହିଁଲା । ଟାକ୍ସି ଡ୍ରାଇଭର ନ ଥିଲା, ଗଡୁଥିଲା ଗାଡି ।
କେବଳ ଉତ୍ତର ଆସିଲା,
'ଆଗ ମୋଡରେ ଯୋଉଠି ଗାଡି ଅଟକିବ, ସେଇଠି ମୋ ସହ ମିଶିଯିବ । ସାଙ୍ଗ ହୋଇ ପିଇବା । ଢେର୍ ଦିନ ହେଲା ଏକୁଟିଆ ବୋର୍ ଲାଗୁଥିଲା ।'
ସକାଳ ହେବା ବେଳକୁ ବସନ୍ତକୁ ଖୋଜିବା ଆରମ୍ଭ ହୋଇଯାଇଥିଲା ।।

କଲ୍ୟାଣସିଂହପୁର , ରାୟଗଡ
ମୋ-୮୨୪୯୧୨୧୦୬୦

# ଡଷ୍ଟବିନ୍‌ରେ ଜୀବନ

ଅଲେଖ କୁମାର ପାଳ



୨୬ ଅଗଷ୍ଟ ୨୦୨୨ ସମୟ ବଦଳିବା ସହ ସେ ସ୍ଥିତି ବି ବଦଳି ଯାଇଛି । କିନ୍ତୁ ଅପେକ୍ଷାରେ ଅଛି ସେହି ରାଜୁ ପାଇଁ ଯିଏ ମୋତେ କିଛି ଶିଖେଇ ଦେଇ ଯାଇଛି । ସମାଜରେ ଡଷ୍ଟବିନ୍‌ର ଅବସ୍ଥିତିକୁ ସେଦିନର ଅନୁଭୂତିକୁ ନ ଭୁଲି ପାରି ନିମ୍ନରେ କିଛି ଉଲ୍ଲେଖ କରିଛି । ପଢ଼ିବେ ଆଉ ରାଜୁକୁ ସ୍ନେହ ଶ୍ରଦ୍ଧା ଭଲ ପାଇବା ଦେଇ ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବେ ।
ସବୁଦିନ ଦେଖେ ମୁଁ ତାକୁ ହେଲେ ଆଜି ପଚାରିଲି ହେ ତୁ କିଏ ?
ତୋ ନା କ'ଣ ? ଘର କୋଉଠି... କ'ଣ ପାଇଁ ଛିଡା ହଉଛୁ ସବୁଦିନ ପରି କିଛି ନ କହି ଚାଲିଗଲା ସେ
ମୁଁ ଚାଲିଗଲି ଲେଟ ହଉଥିଲି ଅଫିସକୁ ... ।
ଦୁଇ ଦିନର ସରକାରୀ କାର୍ଯ୍ୟକ୍ରମ ସାରି ପୁଣି ଫେରିଲା ବେଳେ ସେ ସେମିତି ଛିଡା ହୋଇଥିଲା ସେଇଠି । ଆରେ ଆଶ୍ଚର୍ଯ୍ୟ... ହେ ପିଲା ତୁ ଏଯାଏଁ ଅଛୁ... ।
ପୁଣି ସେହି ନୀରବତା...
ଅଫିସର ଥକାପଣ ଅସହ୍ୟ ଥିଲା । ଚାଲିଗଲି ମୁଁ ମୋ ରୁମ୍‌କୁ ।
ଠିକ ରାତି ୧୧:୩୦ ହେବ ରାତି ପାଇଁ ହୋଟେଲରୁ ଆଣିଥିବା ଖାଇବା କିଛି ବଳକା ଖାଦ୍ୟ ଆଉ ଅଳିଆକୁ ପଲିଥିନରେ ଧରି ଡଷ୍ଟବିନ ପାଖକୁ ତଳକୁ ଆସିଲା ବେଳେ... ପୁଣି ସେ ସେଇଠି ଛିଡା ହୋଇ ରହିଥିଲା ।
ଏ ପିଲା...
ଦେଖ ପୋଲିସକୁ ଜଣେଇବି ମୁଁ.. କିଏ ତୁ ସତ କହ ଚୋରି କରିଛୁ ନା.. ମର୍ଡର କରିଛୁ ନା... ରହ ମୁଁ ପୋଲିସକୁ ଡାକେ ତୋ ପାଟି ଫିଟିବ...
ହଠାତ ଶୁଣାଗଲା- ସାର୍ ମୋ ନାଁ ଜରିଗୋଟାଳୀ ରାଜୁ...
ବୁଲିକି ଦେଖେ ମୁହଁ ତଳକୁ କରି କାନ୍ଦିବାରେ ଲାଗିଲା ସେ । ମୁଁ ଡରିଗଲି । ହେ ହେ... ଚୁପ୍ ଚୁପ୍... ଆରେ ମୁଁ ମିଛରେ କହିଲି ତତେ ଡରେଇବାକୁ ହେଲା... ତୁ ତ ଚୁପ ରହୁଥିଲୁ ସେଥିପାଇଁ ।
-ଏବେ କହ କଣ ଦରକାର ତୋର ?
କିଏ ତୋର ଅଛି କି ଏ କଲୋନୀ ରେ... ସେ ନା କହିଲା ... ମୁଁ ପୁଣି ପଚାରିଲି... ତାହେଲେ ସବୁଦିନ ଏଠି କଣ.. କରୁଛୁ ??
ସେ କହିଲା... 'ବାବୁ ମୋତେ ତମ ବଳକା ଖାଇବା ପଲିଥିନ ଦେଇଦିଅ ତାକୁ ଡଷ୍ଟବିନରେ ପକେଇବାକୁ ନେଉଛ ନା ମୋତେ ଦେଇଦିଅ ତାକୁ... ନହେଲେ ପକେଇଦିଅ ମୁ ତାକୁ ଉଠେଇ ନେଇଯିବି...

ସମସ୍ତେ ବଳକା ଖାଇବା ଏଣେତେଣେ କରି ସବୁ ଏକାଠି ଡଷ୍ଟବିନରେ ପକାନ୍ତି ହେଲେ ଆପଣ ଏକା ଜଣେ ଯେ କି ଖାଇବା ପଲିଥିନ ଅଲଗା ପକାନ୍ତି... ଆଉ ମତେ ସବୁଠାରୁ ଆପଣଙ୍କର ଫୋପଡ଼ା ଯାଇଥିବା ଖାଦ୍ୟ ସଫା ସୁତୁରା ଲାଗେ ... ଅନ୍ୟମାନେ ଫିଙ୍ଗିଥିବା ଖାଇବା ମୁଁ ଖାଇଦିଏ.... । ଆଉ ଆପଣ ଫିଙ୍ଗିଥିବା ଖାଇବା ମାଆ ପାଇଁ ନେଇଯାଏ.. ମୋ ମାଆର ଦେହ ବହୁତ ଖରାପ.. ସେ ଯଦି ବେଶୀ ଖରାପ ଖାଇବା ଖାଏ ତା ଦେହ ବହୁତ ଖରାପ ହେବ... ସେଇଲାଗି ସବୁବେଳେ ଆପଣଙ୍କ ଖାଇବା ପଲିଥିନକୁ ଡଷ୍ଟବିନରେ ଫିଙ୍ଗିବା ଯାଏଁ ଅପେକ୍ଷା କରେ । ହେଲେ ବେଳେ ବେଳେ ଆପଣ କାହିଁକି ଆସନ୍ତିନି କେଜାଣି ?

ଆଉ ମୋ ମା ଉପାସ ରୁହେ.. ।......ଦେଲେ ବାବୁ ମୋତେ ସେ ପଲିଥିନ ମା ସିଆଡେ ଅନେଇଥିବ ।
ହତବାକ ହେଇଯାଇଥିଲି ମୁଁ.. ପାଦତଳୁ ମାଟି ଖସିଗଲା ପରି ଲାଗିଲା ମତେ ବିଶ୍ୱାସ ହେଉନଥିଲା ମୋର ଅଇଁଠା.. ତା ହାତ ଧରି ତାକୁ ପଚାରିଲି ଆଚ୍ଛା.. ରାଜୁ ତୋ ଦେହ ଖରାପ ହବନି ତୁ ସେ ଖାଇବା ଖାଇଲେ ?
ସେ ଉତ୍ତର ରେ କହିଲା... ବାବୁ.. ମା ଯେତେବେଳେ ଭଲ ଥିଲା ସେ ମୋତେ ଏମିତି 'ଭଲ ଡଷ୍ଟବିନର ଖାଇବା ' ଦେଉଥିଲା ଆଉ ନିଜେ ବାଲି କାଦୁଅ ଲାଗିଥିବା ରୁଟିକୁ ଧୋଇ ଖାଉଥିଲା.... ଏବେ ମୋ ପାଳି ପରା ଏତିକି କହି ସେ ପଲିଥିନ ଧରି ଦୌଡ଼ି ଚାଲିଯାଇଥିଲା ସେ... ।
ମୁଁ ତାର ସେ ହସ ହସ ମୁହଁ ଦେଖୁଥିଲି.. ଡଷ୍ଟବିନର ପଲିଥିନ ପାଇଗଲା ପରେ.... ।
ଆର ଦିନ ସକାଳୁ... ମୁଁ ଅପେକ୍ଷାରେ ରହିଥିଲି ସେ 'ଜରିଗୋଟାଳୀ ରାଜୁକୁ' ନିଜ ହାତରେ ଖାଇବା ତିଆରି କରି ତା' ମାଙ୍କ ପାଇଁ । ସେଇ ଡଷ୍ଟବିନ ପାଖରେ.. ଅନୁଭବ କରୁଥିଲି ରାଜୁର କଷ୍ଟକୁ ସେ ଡଷ୍ଟବିନ କଡରେ... ।

ଓ.ଇ.ଇ.ଏସ୍
ଦକ୍ଷିଣାଞ୍ଚଳ ଶିଶୁ ସୁରକ୍ଷା କମିଶନ, ବଲାଙ୍ଗୀର

# ସିଏ ବି ତ ଚିହ୍ନା ଚିହ୍ନା ପରି ମୋତେ ଚାହିଁଲା

କବିତା ମହାନ୍ତି

'ସିଏ ବି ତ ଚିହ୍ନା ଚିହ୍ନା ପରି ମୋତେ ଚାହିଁଲା
ନାଁ ଟି ତା ଶେଷକୁ ଯେ ପ୍ରୀତି ବୋଲି କହିଲା'

ଶ୍ରୀତମ ଅନେକ ସମୟରେ ଏଇ ଦୁଇ ପଦ ପୁରୁଣା ଗୀତକୁ ଗୁଣୁ ଗୁଣେଇ ଥାଆନ୍ତି । ଶ୍ରୀନିକାକୁ ସେ ଗୀତ ଭଲ ଲାଗେନି ଅବା ସିଏ ପସନ୍ଦ କରେନି, ସେ କଥା ନୁହେଁ । ତାର ବି ପୁରୁଣା ଓଡ଼ିଆ ଗୀତ ପସନ୍ଦ । ସିକନ୍ଦର ଆଲମ୍ ହୁଅନ୍ତୁ ଅବା ଅକ୍ଷୟ ମହାନ୍ତି କିମ୍ବା ଚିତ୍ତ ଜେନା , ସେ ସମସ୍ତ ପୁରୁଣା ଗାୟକଙ୍କ ଗୀତ ଶୁଣି ବାକୁ ଭଲ ପାଏ । ରୋଟାରୀ କ୍ଲବ୍ ହେଉ କିମ୍ବା ଅଫିସର୍ସ କ୍ଲବ୍ ସବୁଠି ଶ୍ରୀତମ ଓ ଶ୍ରୀନିକା ଉଭୟଙ୍କ ଯୋଡ଼ି ସମସ୍ତଙ୍କର ପସନ୍ଦ । ଉଭୟ କ୍ଲବ୍ ପାର୍ଟିରେ ଗୀତ ଗାଆନ୍ତି , ଡ୍ୟାନ୍ସ କରନ୍ତି । ଜୀବନକୁ ଉଭୟ ବହୁତ୍ ଉପଭୋଗ କରିବା ପରି ଅନ୍ୟମାନଙ୍କୁ ଅନୁଭବ ହୁଏ । ଶ୍ରୀତମ ଓ ଶ୍ରୀନିକା ସତେ ଯେମିତି ଦୁଇ ଜଣ ପରସ୍ପର ପାଇଁ ଗଢା ହୋଇଛନ୍ତି । ଏବେ ଏବେ ତାଙ୍କ ବାହାଘର ସିଲ୍ଭର୍ ଜୁବୁଲି ସରିଲା । ବାହାଘର ପଚିଶି ବର୍ଷ ପୁରି ଗଲାଣି, ଦୁଇଟି ସୁନ୍ଦର୍ ପୁଅ ଓ ଝିଅଙ୍କର ବାପା ମା ସେମାନେ । ସବୁ ଠିକ୍ ଥିଲା ବେଳେ ବି ଶ୍ରୀନିକାକୁ ଲାଗେ ଶ୍ରୀତମ ଯେମିତି କାହାକୁ ଛାଡି ଆସିଛନ୍ତି ।
ଶ୍ରୀତମଙ୍କର ଉଚ୍ଚତା ଛ ଫୁଟ୍ ଦୁଇ ଇଂଚ, ସୁନ୍ଦର୍ ସ୍ୱାସ୍ଥ୍ୟ । କଲେଜ୍ ରେ କେତେ ଝିଅ ତାଙ୍କ ପଛରେ ପଡ଼ିଥିଲେ । ସେ ଅଭିନେତା ଶ୍ରୀରାମ ପଣ୍ଡାଙ୍କ ଭଳି ଦେଖିବାକୁ ବୋଲି ଝିଅ ମାନେ ତାଙ୍କ ପାଇଁ ପାଗଳ ହେଉଥିଲେ । ହେଲେ ସେ କେବେ କାହାକୁ ଆଡ ଆଖିରେ ଚାହିଁ ନାହାଁନ୍ତି । ସୁନ୍ଦରୀ ଗୁଣବତୀ ଝିଅ ଶ୍ରୀନିକା, ଯାହାକୁ ତାଙ୍କ ବାପା ମାଆ ପସନ୍ଦ କରିଥିଲେ ଶ୍ରୀତମ ତାଙ୍କୁ ହିଁ ଜୀବନ ସାଥୀ କରି ଜୀବନରେ ଆଗକୁ ବଢିଛନ୍ତି ।
କେବେ କେବେ ଶ୍ରୀତମ ନୀରବତାକୁ ଭଲ ପାଆନ୍ତି । ଦୂର ଦିଗବଳୟକୁ ଚାହିଁ ଏଇ ଗୀତଟିକୁ ଗାଆନ୍ତି । ଏବେ ଏବେ ସିଲ୍ଭର ଜୁବୁଲି ସେଲିବ୍ରେସନ୍ ସନ୍ଧ୍ୟାରେ ମଧ୍ୟ ସେ ସେଇ ଗୀତଟିକୁ ଗାଇଥିଲେ । ତାଙ୍କ ସ୍ୱରରେ ଦରଦ ଭରି ରହିଥିଲା । ହୃଦୟରୁ ସେ ଗୀତଟିକୁ ଗାଇଥିଲେ । ପୁରା କନଫରେନ୍ସ ହଲ୍ କରତାଳିରେ ଭରି ଯାଇଥିଲା । ବନ୍ଧୁ ମାନଙ୍କ ଉଚ୍ଛୁଳା ପ୍ରଶଂସାରେ ସମସ୍ତେ ଅତି ଖୁସି ହୋଇଥିଲେ । ସେମାନଙ୍କ ଦୁଇ ପିଲା, ପୁଅ ଓ ଝିଅ ମଧ୍ୟ ପାପା ଓ ମାମାଙ୍କୁ ନେଇ ଖୁବ୍ ଗର୍ବିତ । ଏତେ ସବୁ ଭିତରେ ଶ୍ରୀନିକାଙ୍କୁ କାହିଁକି ଲାଗେ ଶ୍ରୀତମ ତାଙ୍କ ଜୀବନରେ କେଉଁଠି ନା କେଉଁଠି କିଛି ଛାଡ଼ି ଆସିଛନ୍ତି । କାହିଁକି ତାଙ୍କୁ ଲାଗେ ଯେ ସେ ପଚିଶି ବର୍ଷ ଶ୍ରୀତମଙ୍କ ଅତି ନିକଟରେ ଥାଇ ମଧ୍ୟ ତାଙ୍କୁ ଠିକ୍ ଭାବରେ ଜାଣିପାରି ନାହାଁନ୍ତି । ଶ୍ରୀନିକା ଭାବିଲେ ନୂଆ ନୂଆ ସିନା ପଚାରି ପାରି ନଥିଲି, ଏବେ ତ ବାହାଘର ପଚିଶି ବର୍ଷ ପୁରି ଗଲାଣି , ତାଙ୍କ ମନ ଭିତରେ ବାରମ୍ବାର ଆସୁଥିବା ପ୍ରଶ୍ନର ଉତ୍ତର ପାଇଁ ସେ ଶ୍ରୀତମଙ୍କୁ ନିଶ୍ଚୟ ଏଥର ପଚାରିବେ । ପଚାରିବେ ' କିଏ ଶ୍ରୀତମଙ୍କର ମନର ମଣିଷ ' । ସେଇ ସିଲ୍ଭର ଜୁବୁଲି ଫଙ୍କସନ୍‌ର ଡେରି ରାତିରେ ଶ୍ରୀନିକା ସାହସ କରି ପଚାରିଲେ ଶ୍ରୀତମଙ୍କୁ ତାଙ୍କ ମନ କଥା । ହସିଲେ ଶ୍ରୀତମ । ହସି ହସି ଗଡିଗଲେ । ଆଉ କହିଲେ ସେମିତି କେହି ବି ତାଙ୍କ ଜୀବନରେ ଆସି ନାହାଁନ୍ତି । କିନ୍ତୁ ସେଇ ପୁରୁଣା କଳା ଧଳା ସିନେମାର ନାୟିକା ତାଙ୍କ ଜୀବନର ଫାଷ୍ଟ୍ କ୍ରଶ । କଲେଜ୍ ବେଳରୁ ତାଙ୍କୁ ସାଙ୍ଗ ମାନେ ଶ୍ରୀରାମ ପଣ୍ଡା ଭଳି କହି କହି ସେ ଅନେକ ବାର ସେ ସିନେମା ଟି ଦେଖି ଛନ୍ତି ଓ ନିଜେ ସେଇ ନାୟିକାଙ୍କୁ ଭଲ ପାଇ ବସିଛନ୍ତି । ଶ୍ରୀତମ ପୁଣି କହିଲେ 'ଶ୍ରୀନିକା , ତମେ କୁହ ଆଜି ଆମ ପୁଅ ଯଦି ଐଶ୍ବର୍ଯ୍ୟା ରାଏକୁ ମନ ଭିତରେ ନିଜର ମନର ମଣିଷ କରି ବସେ , ସେ କଣ ତାକୁ ନିଜ ଜୀବନରେ ସତରେ ଜୀବନ ସାଥୀ କରି ପାରିବ !! ମନର ମଣିଷ କେହି ବି ହୋଇପାରେ, କିନ୍ତୁ ଜୀବନ ସାଥୀ ତମେ ଶ୍ରୀନିକା !! ଦୁଇ ଜଣ ଯାକ ମନ ଭରି ହସିଲେ ଓ ରାତି ଅଧରେ ଶ୍ରୀତମ ପୁଣି ସେଇ ଗୀତକୁ ଦୋହରାଇଲେ ।
'ସିଏ ବି ତ ଚିହ୍ନା ଚିହ୍ନା ପରି ମୋତେ ଚାହିଁଲା
ନାଁ ଟି ତା ଶେଷକୁ ଯେ ପ୍ରୀତି ବୋଲି କହିଲା'

ନିଗମାନନ୍ଦ ନଗର
ବମିଖାଲ୍
ଭୁବନେଶ୍ୱର
ମୋ-୯୯୩୭୩୪୮୨୫୦

# ଜୀବନ ସାଥୀ

ରମେଶ ପ୍ରସାଦ ମେହେର



ବାପା ମାଆଙ୍କ ବିନା ସ୍ୱୀକୃତିରେ ଘରୁ ଲୁଚି ପଳାଇ ଆସି ରୋହିତକୁ ବାହା ହୋଇ ପଡ଼ିଲା ସୁନିତା । ଦୁହେଁ ଏବେ ଭୁବନେଶ୍ୱର ରସୁଲଗଡ଼ ସ୍ଥିତ ଜି.ଜି.ପି କଲୋନୀରେ ଘରଭଡ଼ା ନେଇ ରହୁଛନ୍ତି । ଘର ସହ ସବୁ ସପର୍କ ଛିନ୍ନ କରି ଗରିବ ରୋହିତର ହାତ ଧରି ଆଗକୁ ବଢ଼ିବାରେ ନିଜକୁ ବେଶ୍ ଖୁସି ଅନୁଭବ କରୁଥିଲା ସୁନିତା । ରୋହିତ ମଧ୍ୟ ସୁନିତାକୁ ଜୀବନଠୁ ବଳି ଅଧିକ ଭଲ ପାଉଥିଲା । ରୋହିତ ଏମ୍.ଟେକ୍ ଯାଏ ପାଠ ପଢ଼ିଥିଲା । ଥରେ କମ୍ପିଟିଟିଭ ଏକ୍‌ଜାମ ଦେବା ସମୟରେ ସୁନିତା ସହ ତା'ର ସାକ୍ଷାତ୍ ହୋଇଥିଲା । ତା' ପରଠୁ ଉଭୟେ ଉଭୟଙ୍କୁ ଭଲ ପାଇ ବସିଲେ । ଶେଷରେ ଉଭୟେ ଜୀବନ ସାଥୀ ଭାବେ ନୂଆ ଜୀବନ ଜିଇଁବା ଆରମ୍ଭ କଲେ ।

ପ୍ରତିଦିନ ସକାଳେ ଚାକିରି ଅନ୍ୱେଷଣରେ ବାହାରି ପଡ଼େ ରୋହିତ । ବେଳେ ବେଳେ ଘରକୁ ଫେରିବାରେ ସନ୍ଧ୍ୟା ହୁଏ । ସୁନିତା ରୋହିତକୁ କହିଲା- 'ଘରେ ରାସନ କିମ୍ବା ପନିପରିବା କିଛି ନାହିଁ। ଦୁଇ ହଜାର ଟଙ୍କା ଦିଅ ସେ ସବୁ ଜିନିଷ ମୁଁ ନିଜେ ଯାଇ ବଜାରୁ କିଣି ଆଣିବି । ରୋହିତ ଉଦାସ ମନରେ ଖାଲି ପର୍ସଟିକୁ ଦେଖେଇ କହିଲା- 'ହେଇ ଦେଖ ! ପର୍ସରେ ମାତ୍ର କୋଡ଼ିଏ ଟଙ୍କା ପଡ଼ିଛି । ସେଇ ପଇସାରେ କ'ଣ ଏତେ ଗୁଡ଼ିଏ ଜିନିଷ କିଣି ହେବ ? ଆଜି ମୁଁ ଏକ ନୂଆଁ କାମରେ ଯୋଗ ଦେବାକୁ ଯାଉଛି। ଫେରିଲେ ସବୁ ବ୍ୟବସ୍ଥା ହୋଇଯିବ । ତମେ ଜମାରୁ ବ୍ୟସ୍ତ ହୁଅନି । ମୁଁ ଅଛି ନା ! ସୁନିତାକୁ ଏତକ ଆଶ୍ୱାସନା ଦେଇ ଚାଲିଗଲା ରୋହିତ ।

ରୋହିତ ଠାରୁ କଥା ପଦକ ଶୁଣି ଏକ ପ୍ରକାର ସୁନିତାର ମନ ଉଣା ହୋଇଗଲା । ମୁହଁରେ ଉଦାସର ଚିହ୍ନ ବାରି ହୋଇ ପଡ଼ିଲା । ଘରେ ଯିଏ ଅଭାବ ବୋଲି କ'ଣ ଜାଣି ନ ଥିଲା ସେ ଆଜି ଅଭାବୀ କ୍ଷୁଧାରେ ଅଭାବୀ ତୃଷ୍ଣାରେ ଡହକ ବିକଳ ହେଉଛି । କ'ଣ କରିବ ସେ କିଛି ଭାବି ପାରିଲାନି ନିଜକୁ । ସଙ୍ଗେ ସଙ୍ଗେ ନିଜ ମାଆକୁ ଫୋନ୍ କରି କହିଲା- 'ମାଆ ! ତୁ ଯେମିତି ହେଉ ଟଙ୍କା ଦଶ ହଜାର ଫୋନ୍ ପେ'ରେ ପଠାଇ ଦେ । ଆମ ପାଖରେ ଯାହା ଟଙ୍କା ଥିଲା ସେ ସବୁ ସରି ଆସିଲାଣି । ଏଠାରେ ଚଳିବା ପାଇଁ ବହୁତ କଷ୍ଟକର ହେଉଛି ଆମ ପକ୍ଷରେ । ସେପଟରୁ ସୁନିତାର ମାଆ କହିଲେ- 'ତୁ କ'ଣ ଆମ ମୁହଁକୁ ଟିକେ ଚାହିଁଲୁ ? ଆମର ମାନ ସମ୍ମାନ ଟିକକ କ'ଣ ରଖିଲୁ ? ଆମର ବିନା ସମ୍ମତିରେ ତୁ ଘରୁ ଲୁଚି ପଳେଇ ଯାଇ ଗୋଟେ ଗରିବ ଭିକାରୀ ପିଲା ସହ ବାହା ହୋଇ ପଡ଼ିଲୁ ? ଯାହା ହେଲେ ବି ତୁ ମୋ ଝିଅ । ତୁ ଏବେ ଅସୁବିଧାରେ ଅଛୁ । ଏ କଥା ଜାଣିଲା ପରେ ମୁଁ କେମିତି ସହି ପାରିବି ? ମୁଁ ତୋତେ ଦଶ ହଜାର ଟଙ୍କା ଦେବାକୁ ରାଜି ଅଛି। ତୁ ଘଣ୍ଟାଏ ପରେ ବୁଦ୍ଧ ପାର୍କକୁ ଆସ। ଟଙ୍କା ମୋ' ଠାରୁ ନେଇଯିବୁ। ମାଆ କଥାରେ ସୁନିତା ହଁ ଟାଏ ଭରି ବୁଦ୍ଧ ପାର୍କ ଆଡ଼େ ଯିବାକୁ ଅଗ୍ରସର ହେଲା । ଏଇ ଭିତରେ ସୁନିତା ଆଖିରୁ ଲୁହ ଝରି ଆସୁଥିଲା।

ଆଖିରୁ ଲୁହ ପୋଛି ସୁନିତା ଯିବାବେଳେ ଆଗରେ ଠିଆ ହୋଇଛି ଘରର ମାଲିକାଣୀ । ସୁନିତାକୁ ଦେଖି ମାଲିକାଣୀ କହିଲା-'ତମ ଉପରେ ତିନି ମାସର ଘରଭଡ଼ା ବାକି ରହିଲାଣି । ମୁଁ ଏଣିକି ଆଉ ଅପେକ୍ଷା କରି ପାରିବିନି କି ତୁମକୁ ଏଣିକି ଆଉ ଦୟା ଦେଖାଇ ପାରିବିନି । ଭଡ଼ା ଟଙ୍କା ଦିଅ ନଚେତ୍ ଘର ଛାଡ଼ । ସୁନିତା ଦୁଃଖବୋଳା ମୁହଁରେ କହିଲା- 'ମାଉସୀ ! ଆମକୁ ଆଉ କେତେଟା ଦିନ ସମୟ ଦିଅ । ସିଏ ଜବ୍ ଖୋଜିବାକୁ ଯାଇଛନ୍ତି । ଆମେ ତମର ସବୁତକ ଘରଭଡ଼ା ଟଙ୍କା ଦେଇଦେବୁ । ଆମକୁ ବିଶ୍ୱାସ କର। ଆମେ ଏବେ ବହୁତ ଅସୁବିଧାରେ ଅଛୁ । ତୁମେ ଯଦି ଆମକୁ ଘରୁ ବାହାର କରିଦେବ ଆମେ କୁଆଡ଼େ ଯିବୁ ? ଆମେ ଦୁହେଁ ଘରର ସବୁ ସ୍ନେହ ମମତାକୁ ପଛରେ ପକାଇ ଚାଲି ଆସିଛୁ । ଏତିକି କହି ସୁନିତା ସିଧା ଚାଲିଲା ବୁଦ୍ଧ ପାର୍କ ଅଭିମୁଖେ।

ସୁନିତା ଅଟୋରେ ବସି ଯାଉଥିବା ବେଳେ ବାଟରେ ହଠାତ୍ ଏକ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇ ପଡ଼ିଲା । ନିଜ ଆଖିକୁ ବିଶ୍ୱାସ କରି ପାରିଲାନି । ସ୍ୱାମୀ ରୋହିତ ମଜୁରିଆଙ୍କ ସହ ମିଶି ମୂଲିଆ କାମ କରୁଛନ୍ତି । ସେ ମୋ' ଖୁସି ଦେଖିବା ପାଇଁ ଶେଷରେ -! ସୁନିତାର ଆଉ ଧୈର୍ଯ୍ୟ ରହିଲା ନାହିଁ ସେ ଆଗକୁ ଆଉ ନ ବଢ଼ି ସିଧା ଘରମୁହାଁ ହେଲା । ଯେବେ ସନ୍ଧ୍ୟା ଆଗତ ହେଲା ରୋହିତ ଘରକୁ ଫେରିଲା । ଅତି ସରାଗରେ ପାଣି ଗିଲାସେ ଧରେଇ ଦେଇ ତାଙ୍କ ସହ କିଛି ସମୟ ଖୁସିଗପ କଲା । କହିଲା-'ଆଜି ଦିନଟା କେମିତି କଟିଲା ? ନୂଆ ଜବ୍ ଗୋଟେ କୋଉଠି କ'ଣ ମିଳିଲା ? ସୁନିତାର ପ୍ରଶ୍ନର ଉତ୍ତର ଅତି ସହଜରେ ଦେଇ ରୋହିତ କହିଲା- 'ବହୁତ ଭଲରେ କଟିଲା । ଗୋଟେ ନୂଆ ଜବ୍ ମିଳିବାରେ ପ୍ରତିଶ୍ରୁତି ମିଳିଛି । ପୁଣି ମୋଟା ଅଙ୍କର ଦରମା । ଆଉ ଦିନ କେଇଟା ଅପେକ୍ଷା କର ସୁନିତା । ଆମର ଦୁଃଖ ବୋଲି ଆଉ କିଛି ରହିବନି । ରୋହିତର କଥା ନ ସରୁନୁ ସୁନିତା କହିଲା- 'ତୁମେ ଆଜି କ'ଣଟା ଏମିତି ଭଲ କାମ କରି ପକାଇଛ ଯେ, ତୁମର ଭଲରେ କଟିଲା ବୋଲି କହୁଛ ? ତୁମ ଆଖି କହୁଛି ତୁମେ କଥା ଲୁଚାଉଛ ? ମୁଁ ତୁମ ବିଷୟରେ ସବୁ ଜାଣି ଯାଇଛି। ମୁଁ ସେ ଦୃଶ୍ୟ ମୋ ନିଜ ଆଖିରେ ଦେଖିଛି । ସେ ସବୁ ମୋ ମୋବାଇଲରେ ଭିଡ଼ିଓ ମଧ୍ୟ କରି ରଖିଛି । ତୁମେ ମୋତେ ଯେତେ ଠକିଲେ ମଧ୍ୟ ଠକି ପାରିବନି । ସତକୁହ ତୁମେ ଆଜି ଦିନ ମଜୁରୀଆଙ୍କ ସହ ମିଶି ମୂଲିଆ କାମ କରୁ ଥିଲ ନା ନାହିଁ ? ସୁନିତା ପିଠିରେ ହାତ ସାଉଁଳେଇ ରୋହିତ କହିଲା -'ଦେଖ ସୁନିତା ! ସହରରେ ତିନି ମାସ ଯାଏ ଘୁରି ବୁଲିଲା ପରେ ବି ମୋତେ ଚାକିରିଟିଏ ମିଳିଲା ନାହିଁ । ଶେଷରେ ମୁଁ ବାଧ୍ୟ ହୋଇ ଏ ପରି କାମକୁ ଆପଣେଇ ନେଲି ଯାହାକି ଆମେ ଭୋକ ଉପାସରେ ରହିବା ଅପେକ୍ଷା ଅନ୍ତତଃ କିଛି ଦିନ ବଞ୍ଚିଯିବା ଏ କାମ ମୁଁ ସବୁଦିନ କରିବି ବୋଲି ତୁମେ କ'ଣ ଭାବୁଛ ? ଯଦି ତୁମକୁ ଏ ବିଷୟରେ ସତକଥା କହିଥାନ୍ତି ତୁମେ ମୋତେ ସାଧାରଣ ମୂଲିଆ ଶ୍ରେଣୀର କହି ଘୃଣା କରିଥାନ୍ତ । ଦିନ ମଜୁରିଆ କହି ମୋତେ ଛାଡ଼ି ଚାଲି ଯାଇଥାନ୍ତ । ମୁଁ ଜମାରୁ ସହି ପାରି ନ ଥାନ୍ତି । ସୁନିତା କହିଲା- 'ମୁଁ ତୁମର ସୁଖ ଦୁଃଖର ସାଥୀ । ଥରେ ତୁମ ହାତ ଧରିଛି ମାନେ ଯେତେ କଷ୍ଟ ହେଉନା କାହିଁକି ତୁମ ଠାରୁ କେବେ ମୁଁ ଦୂରେଇ ଯିବିନି । ତୁମେ କିଛି ଚିନ୍ତା କରନି । ମୁଁ ମଧ୍ୟ ଜଣେ ଉଚ୍ଚ ଶିକ୍ଷିତା ନାରୀ । ମୁଁ ସତ କହୁଛି । ଦେଖିବ ନିଶ୍ଚୟ ଦିନେ ଆମର ଭଲ ସମୟ ଆସିବ । ଆମେ ଦୁହେଁ ମିଶି ଭଲ ଜବ୍ କରିବା । ଖୁସିରେ ରହିବା । କାହା ଆଗରେ ହାତ ପତେଇବା ନାହିଁ । କଥାରେ ଅଛି ପରା କଠିନ କାମକୁ ଜିତିଲେ ଅତି ସହଜ ହୋଇଥାଏ ଜୀବନ ଜିଇଁବାକୁ । ଆମେ ଏଥିରେ ନିଶ୍ଚୟ ସଫଳ ହେବା । ଏଇ ଭିତରେ ଘରର ମାଲିକାଣୀକୁ ଦେଖି ଉଭୟଙ୍କର ପାଟିରୁ କଥା ବାହାରିଲା ନାହିଁ । ଘର ମାଲିକାଣୀ ଅନେକ ବେଳୁ ଆସି ଉଭୟଙ୍କର ସାହସିକତା ପଣିଆଁକୁ ପରଖୁଥିଲେ । କହିଲେ- 'ଏଣିକି ତୁମେ ଘରଭଡ଼ା ଦେବା କଥା ମନରେ ଭାବିବ ନାହିଁ । ମୁଁ ତୁମ ମନର ଦୁଃଖକଥା ସବୁକୁ ବୁଝି ସାରିଛି । ଯିଏ ଅନ୍ୟର ଅଭାବ ଅସୁବିଧା ସମୟରେ ଆସି ଠିଆ ହୁଏ। ସାହାଯ୍ୟର ହାତ ବଢ଼ାଏ । ସିଏ ହେଉଛି ପ୍ରକୃତରେ ମଣିଷ । ମୁଁ ଏ ଘରର ମାଲିକାଣୀ ନୁହେଁ । ଆଜିଠାରୁ ମୁଁ ତୁମର ଅତି ଆପଣାର ମାଉସୀ । ସେଥିରେ ମୁଁ ବହୁତ ଖୁସି ହେବି । ରୋହିତ ଓ ସୁନିତା ଆଖିରୁ ଖୁସିରେ ଲୁହ ଝରି ଆସିଲା । ମମତ୍ୱର ବନ୍ଧନରେ ବାନ୍ଧି ହୋଇ ଦୁହେଁ ମାଉସୀର ପାଦ ତଳେ ପଡ଼ି କହିଲେ- 'ତୁମେ ଆମ ମାଉସୀ ନୁହଁ ମାଆ । ମାଉସୀ ମଧ୍ୟ ଉଭୟଙ୍କୁ ନିଜ ପୁଅ ଝିଅ ପରିକା ଦେଖି ଆଶୀର୍ବାଦ କଲେ।

ଦିନେ ହଠାତ୍ ଖୁସି ଖବର ଆସିଲା । ରୋହିତ ଓ ସୁନିତାର ସରକାରୀ ଚାକିରୀ ମିଳିଛି ସଚିବାଳୟରେ । ଉଭୟଙ୍କ ଖୁସିର ସୀମା ରହିଲା ନାହିଁ । ପ୍ରଥମେ ମାଉସୀ ଠାରୁ ଦୁହେଁ ଆଶୀର୍ବାଦ ନେଇ ସାଥୀ ହୋଇ ନୂତନ କର୍ମ କ୍ଷେତ୍ରରେ ଯୋଗ ଦେବା ପୂର୍ବରୁ ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ ପାଇଁ ବାହାରି ପଡ଼ିଲେ ।

ବାବୁସାହି, ବୌଦ୍ଧ
ମୋ; ୯୯୩୮୬୦୮୧୫୮

# ଏମଏସ୍ ଧୋନୀଙ୍କ ହାତ ପକେଟମାରଙ୍କ ଠାରୁ ବି କ୍ଷିପ୍ର : ରବି ଶାସ୍ତ୍ରୀ



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ପୂର୍ବତନ କୋଚ୍ ରବି ଶାସ୍ତ୍ରୀ। କେବଳ କ୍ରିକେଟ ନୁହେଁ ଭାଷ୍ୟକାର ହିସାବରେ ବି ସେ ଦମ୍‌ଦାର। ନିକଟରେ ମହେନ୍ଦ୍ର ସିଂ ଧୋନୀଙ୍କୁ ନେଇ ସେୟାର କରିଛନ୍ତି ମଜାଦାର ଟିପ୍ପଣୀ। ଶାସ୍ତ୍ରୀ ଧୋନୀଙ୍କୁ ପକେଟମାରଙ୍କ ସହ ତୁଳନା କରିଛନ୍ତି। ସେ ଏଭଳି କହିବାର କାରଣ ହେଉଛି ଧୋନୀଙ୍କ ସ୍ୱିଡ୍ ଷ୍ଟମ୍ପିଂ। ୱିକେଟ କିପର ଭାବେ ମାହିଙ୍କ ଦ୍ରୁତ ଷ୍ଟମ୍ପିଂ ଦକ୍ଷତାକୁ ସେ ବିଚକ୍ଷଣ ବୋଲି କହିଛନ୍ତି । ରବି କହିଛନ୍ତି ଧୋନୀ ୱିକେଟ୍ ପଛରେ ରହି ଏମିତି କାମ କରନ୍ତି ଯେ, ବ୍ୟାଟ୍ସମ୍ୟାନ୍ କେତେବେଳେ ଆଉଟ୍ ହୋଇଯାଏ ବି ସେ ଜାଣିପାରନ୍ତିନି । ଆଇସିସିର ଏକ ଇଭେଣ୍ଟରେ ରବି ଶାସ୍ତ୍ରୀ କହିଥିଲେ 'ଏମଏସ୍ ଧୋନୀଙ୍କ ହାତ ପକେଟମାରଙ୍କଠାରୁ ବି କ୍ଷିପ୍ର। ଯଦି ଖେଳାଳି ଭାରତର କୌଣସି ବଡ଼ ମ୍ୟାଚ୍ ଖାସ୍ କରି ଅହମ୍ମଦାବାଦରେ ଖେଳୁଥିଲେ ତେବେ ଧୋନୀଙ୍କୁ ନେଇ ସତର୍କ ରୁହନ୍ତୁ। ଧୋନୀ ବ୍ୟାଟ୍ସମ୍ୟାନଙ୍କ ପଛରେ ରହି ଏମିତି ପକେଟମାର କରିବେ ଯେ କେହି ଜାଣିପାରିବେନି ।' ତେବେ ରବି ଶାସ୍ତ୍ରୀଙ୍କ ଏହି ବୟାନ ଏବେ ସୋସିଆଲ୍ ମିଡିଆରେ ଖୁବ ଭାଇରାଲ୍ ହେଉଛି। ରବି କହିଛନ୍ତି ଯେ 'ଧୋନୀ ଶତକ ମାରନ୍ତୁ କି ଶୂନରେ ଆଉଟ୍ ହୁଅନ୍ତୁ ତାଙ୍କ ଚେହେରାର ଅବସ୍ଥା ସବୁବେଳେ ସମାନ ଥାଏ। ଏହି ଦକ୍ଷତା ହିଁ ତାଙ୍କୁ ଖାସ କରିଥାଏ।

# ଶାମିଙ୍କୁ ପଛରେ ପକାଇଲେ ଷ୍ଟାର୍କ : ରାବାଡାଙ୍କ ସଫଳତା ସତ୍ତ୍ୱେ ଚାପରେ ଦକ୍ଷିଣ ଆଫ୍ରିକା

**ଲଣ୍ଡନ**

ଅଷ୍ଟ୍ରେଲିୟ ପେସ୍ ବୋଲର୍ ମିଚେଲ ଷ୍ଟାର୍କ, ଭାରତୀୟ ସ୍ୱିଡ୍‌ଷ୍ଟାର ମହମ୍ମଦ ଶାମିଙ୍କୁ ପଛରେ ପକାଇ ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲ୍‌ରେ ସର୍ବାଧିକ ୱିକେଟ୍ ନେଇଥିବା ବୋଲର୍ ହୋଇଛନ୍ତି। ଆଇକନିକ ଲର୍ଡସ୍‌ରେ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲୁଟିସି) ଫାଇନାଲ୍ ମୁକାବିଲାରେ ସେ ଏକ ଅନନ୍ୟ ରେକର୍ଡ ହାସଲ କରିଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରିତ ହୋଇଥିଲା ଅଷ୍ଟ୍ରେଲିଆ। ହେଲେ ଦକ୍ଷିଣ ଆଫ୍ରିକୀୟ ବୋଲର କାଗିସୋ ରାବାଡାଙ୍କ ପାଞ୍ଚ ୱିକେଟ୍ ସଫଳତା ଯୋଗୁଁ, ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ମାତ୍ର ୨୧୨ ରନ୍‌ରେ ସୀମିତ ରହିଥିଲା। ଯେଉଁଥିରେ ଡିଫେଣ୍ଡିଂ ଚାମ୍ପିଅନ୍ ପାଇଁ ପ୍ରଶଂସନୀୟ ବ୍ୟାଟ୍ସମ୍ୟାନ୍ ଅଧିନାୟକ ଷ୍ଟିଭେନ ସ୍ମିଥ୍ ଏବଂ ଅଲରାଉଣ୍ଡର ବ୍ୟୁ ୱେବଷ୍ଟର ଅର୍ଦ୍ଧଶତକ ହାସଲ କରିଥିଲେ।

ଷ୍ଟାର୍କ ପୁଣି ଥରେ ଏକ ଇନିଂସର ସାହାଯ୍ୟରେ ଏଡେନ୍ ମାର୍କରାମଙ୍କୁ,



ତାଙ୍କ ପ୍ରଥମ ଓଭରରେ ଶୂନରେ ଆଉଟ୍ କରିଥିଲେ। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା, ଷ୍ଟାର୍କ ତାଙ୍କର ସାତ ଓଭରରେ ୨ ୱିକେଟ ହାସଲ କରି ୧୦ ରନ୍ ଦେଇଥିଲେ। ୧୯ତମ ଥର ପାଇଁ ଷ୍ଟାର୍କ ତାଙ୍କ ଟେଷ୍ଟ ଇନିଂସର ପ୍ରଥମ ଓଭରରେ ଏକ ୱିକେଟ୍ ନେଇଥିଲେ। ଏହାକୁ ମିଶାଇ ପାଞ୍ଚଟି ଆଇସିସି ଫାଇନାଲରେ ଷ୍ଟାର୍କ ୨୬.୬୩ ହାରରେ ୧୧ ୱିକେଟ୍ ୫.୧୭ ହାରରେ ଇକୋନୋମି ରେଟ୍ ସହିତ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆଇସିସି କ୍ରିକେଟ୍ ବିଶ୍ୱକପ୍ ୨୦୨୩ ଫାଇନାଲରେ ଭାରତ ବିପକ୍ଷରେ ୫୫ ରନ୍ ଦେଇ ୩ଟି ୱିକେଟର ଶ୍ରେଷ୍ଠ ବୋଲିଂ ରେକର୍ଡ ଅକ୍ତିଆର କରିଛନ୍ତି। ତେବେ ଶାମି, ଚାରିଟି ଆଇସିସି ଫାଇନାଲରେ ୩୮.୯୦ ହାରରେ ୧୦ଟି ୱିକେଟ୍ ୩.୯୫ ହାରରେ ଇକୋନୋମି ରେଟ୍ ସହିତ ୨୦୨୧ ଡବ୍ଲୁଟିସି ଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ୭୬ ରନ୍‌ରେ ୪ଟି ୱିକେଟ ହାସଲ କରିବାର ଶ୍ରେଷ୍ଠ ବୋଲିଂ ରେକର୍ଡ କରିଛନ୍ତି।

ଏବେ ଷ୍ଟାର୍କ ପୂର୍ବତନ ଭାରତୀୟ ପେସର କିମ୍ବଦନ୍ତୀ ଜାହିର ଖାନଙ୍କୁ ପଛରେ ପକାଇ ଆଇସିସି ନକ୍‌ଆଉଟ୍‌ରେ ମିଳିତ ଭାବେ ଦ୍ୱିତୀୟ ସର୍ବାଧିକ ୱିକେଟ୍ ନେଇଥିବା ବୋଲର ହୋଇଛନ୍ତି। ତାଙ୍କର ୨୪.୩୧ ଆଭରେଜରେ ୨୨ଟି ୱିକେଟ୍ ଏବଂ ସର୍ବୋତ୍ତମ ଫିଗର୍ ୩/୩୪ ରହିଛି। ଷ୍ଟାର୍କଙ୍କୁ ଶ୍ରୀଲଙ୍କାର ଅଭିଜ୍ଞ ସ୍ପିନର ମୁଥେୟା ମୁରଲୀଧରନଙ୍କୁ ପଛରେ ପକାଇବା ପାଇଁ ଆଉ ଦୁଇଟି ୱିକେଟ୍ ଆବଶ୍ୟକ। ଯିଏ ୨୩.୩୯ ଆଭରେଜରେ ୨୩ଟି ୱିକେଟ୍ ସହିତ ସର୍ବୋତ୍ତମ ଫିଗର୍ ୪/୩୧ ସହିତ ଶୀର୍ଷରେ ଅଛନ୍ତି। ମ୍ୟାଚ୍ ଆରମ୍ଭ ହେବା ପରେ ଅଷ୍ଟ୍ରେଲିଆକୁ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ପ୍ରଥମ ସେସନ୍ ଶେଷରେ ଅଷ୍ଟ୍ରେଲିଆ ୬୭ ରନ୍‌ରେ ୪ ୱିକେଟ ହରାଇଥିଲା। ଷ୍ଟିଭ୍ ସ୍ମିଥ୍ ୧୧୨ ବଲ୍‌ରେ ୬୬, ବିଉ ୱେବଷ୍ଟର ୯୨ ବଲ୍‌ରେ ୭୨ ଏବଂ ୱେବଷ୍ଟରଙ୍କ ଆଲେକ୍ସ କେରି (୩୧ ବଲ୍‌ରେ ୨୩)ଙ୍କ ସହିତ ୪୬ ରନର ଭାଗୀଦାରୀ ଅଷ୍ଟ୍ରେଲିଆକୁ ୨୦୦ ରନ୍ ନିକଟତର କରାଇଥିଲା। ହେଲେ ଅଷ୍ଟ୍ରେଲିଆ ୨୦ ରନ ମଧ୍ୟରେ ଶେଷ ପାଞ୍ଚଟି ୱିକେଟ ହରାଇଥିଲା।

ଦକ୍ଷିଣ ଆଫ୍ରିକାର ଆରମ୍ଭ ସମାନ ଦୁଃସ୍ୱପ୍ନପୂର୍ଣ୍ଣ ଥିଲା। ଦିନର ଖେଳ ଶେଷରେ ୪୩ ରନରେ ସେମାନଙ୍କର ୪ଟି ୱିକେଟ ହରାଇଥିଲା। ସେମାନଙ୍କର କୌଣସି ବ୍ୟାଟ୍ସମ୍ୟାନ୍ ଏପର୍ଯ୍ୟନ୍ତ ୨୦ ରନ୍ ଛୁଇଁ ନାହାନ୍ତି। ଷ୍ଟାର୍କ ଦୁଇଟି ୱିକେଟ ପାଇଥିବା ବେଳେ ଅଧିନାୟକ ପ୍ୟାଟ୍ କମିନ୍ସ ଏବଂ ଜୋସ ହାଜେଲଉଡ୍ ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି। ଏବେ ଦକ୍ଷିଣ ଆଫ୍ରିକା ୧୬୯ ରନ ପଛରେ ରହିଛି।

# ଆରସିବି କର୍ମଚାରୀଙ୍କୁ ମିଳିଲା ଆନ୍ତରୀଣ ଜାମିନ

**ବେଙ୍ଗାଲୁରୁ**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ମାର୍କେଟିଂ ଓ ରାଜସ୍ୱ ମୁଖ୍ୟ ନିଖିଲ ସୋସାଲେଙ୍କୁ ବେଙ୍ଗାଲୁରୁ ଦଳାଚକଟା ଘଟଣାରେ ଆନ୍ତରୀଣ ଜାମିନ ପ୍ରଦାନ କରାଯାଇଛି। ହେଲେ ତାଙ୍କୁ ତାଙ୍କ ପାସପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଗତ ୪ ତାରିଖରେ ଆଇପିଏଲ୍ ଚାମ୍ପିୟନ ଆରସିବିର ବିଜୟ ଉତ୍ସବରେ ଦଳାଚକଟା ଯୋଗୁ ୧୧ଜଣଙ୍କ ମୃତ୍ୟୁ ହେବା ପରେ ୬ ତାରିଖରେ ସୋସାଲେ ଓ ଡିଏନ୍‌ଏ ଏଣ୍ଟରନେଟମେଣ୍ଟ ନେଟୱର୍କର ଦୁଇ କର୍ମଚାରୀ କିରନ କୁମାର (ସିନିୟର ଇଭେଣ୍ଟ ମ୍ୟାନେଜର) ଓ ସୁନୀଲ ମାଥ୍ୟୁ (ଉପ ସଭାପତି–ବ୍ୟବସାୟିକ ବିଷୟ)ଙ୍କୁ ଗିରଫ କରାଯାଇଥିଲା। ୬ ତାରିଖରେ ବିମାନବନ୍ଦରରୁ ସେଣ୍ଟ୍ରାଲ କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା ଗିରଫ କରାଯାଇଥିଲା। ସୋସାଲେଙ୍କ ଓକିଲ କର୍ନାଟକ ହାଇକୋର୍ଟରେ ସୋସାଲେଙ୍କ ଗିରଫଦାରୀ ଉପରେ ପ୍ରଶ୍ନ ଉଠାଇଥିଲେ। କିନ୍ତୁ କୋର୍ଟ ମାମଲାକୁ ସ୍ଥଗିତ ରଖିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଗୁରୁବାର ଅପରାହ୍ନରେ ରାୟ ଶୁଣାଇଛନ୍ତି।

# ବୁମ୍‌ରା, ହାର୍ଦ୍ଦିକ, ରାହାଣେ, ପୂଜାରା ବିମାନ ଦୁର୍ଘଟଣାରେ ପୀଡ଼ିତଙ୍କ ଶୋକରେ କ୍ରିକେଟ୍ ଭାଇଚାରା ସାମିଲ

**ଅହମ୍ମଦାବାଦ**

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପାଇଁ କ୍ରିକେଟ୍ ଭାଇଚାରା ଦେଖିବାକୁ ମିଳିଛି। ମୃତକଙ୍କ ଏବଂ ସେମାନଙ୍କ ପରିବାର ପ୍ରତି ଦୁଃଖ ଏବଂ ଶୋକ ପ୍ରକାଶ କରିଛନ୍ତି। ଗୁରୁବାର ଦିନ ଗୁଜୁରାଟର ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ଭାରତୀୟ କ୍ରିକେଟ୍ ଭାଇଚାରା ସଦସ୍ୟମାନେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏବଂ ପୀଡ଼ିତ ଏବଂ ସେମାନଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

ବୋଇଂ ୭୮୭-୮ ବିମାନ, ୧୨ ଜଣ କ୍ରୁ ସଦସ୍ୟଙ୍କ ସମେତ ୨୪୨ ଜଣଙ୍କୁ ନେଇ ଅହମ୍ମଦାବାଦ ବିମାନବନ୍ଦର ନିକଟରେ ଅପରାହ୍ନ ୧:୩୮ରେ ଖସିପଡ଼ିଥିଲା।

ଗୁଜୁରାଟର ଭାରତୀୟ ଦ୍ରୁତ ବୋଲର ଜସ୍‌ପ୍ରିତ ବୁମରାହ ଇନଷ୍ଟାଗ୍ରାମ ଷ୍ଟୋରିଜରେ ତାଙ୍କ ଶୋକ ସେୟାର କରିଛନ୍ତି: 'ଅହମ୍ମଦାବାଦରେ ଘଟିଥିବା ଦୁଃଖଦ ବିମାନ ଦୁର୍ଘଟଣାରେ ପ୍ରଭାବିତ ସମସ୍ତଙ୍କ ପାଇଁ ପ୍ରାର୍ଥନା ଏବଂ ଶକ୍ତି।'

ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ



ତାଙ୍କ ଶୋକ ପ୍ରକାଶ କରିଛନ୍ତି: "ଅହମ୍ମଦାବାଦରେ ଦୁର୍ଘଟଣା ବିଷୟରେ ଶୁଣି ହୃଦୟ ବିଦାରକ। ପ୍ରଭାବିତଙ୍କ ପରିବାର ପାଇଁ ପ୍ରାର୍ଥନା ଏବଂ ଶକ୍ତି।"

ଅଜିଙ୍କ୍ୟ ରାହାଣେ ମଧ୍ୟ ପୋଷ୍ଟ କରିଛନ୍ତି: "ଅହମ୍ମଦାବାଦରେ ଘଟିଥିବା ଦୁଃଖଦ ବିମାନ ଦୁର୍ଘଟଣାରେ ଗଭୀର ଦୁଃଖିତ। ପୀଡିତ ଏବଂ ସେମାନଙ୍କ ପରିବାର ପାଇଁ ପ୍ରାର୍ଥନା।"

ଚେତେଶ୍ୱର ପୂଜାରା ମଧ୍ୟ ଗଭୀର ଦୁଃଖ ପ୍ରକାଶ କରିଛନ୍ତି: "ଅହମ୍ମଦାବାଦରେ ବିମାନ ଦୁର୍ଘଟଣା ବିଷୟରେ ଶୁଣି ଦୁଃଖିତ ଏବଂ ଦୁଃଖିତ, ପ୍ରଭାବିତ ସମସ୍ତଙ୍କ ପରିବାର ପାଇଁ ପ୍ରାର୍ଥନା କରୁଛି।"

ଏହି ଦୁର୍ଘଟଣା ସାରା ଦେଶରେ ଶୋକର ଛାୟା ଖେଳିଯାଇଛି, କ୍ରୀଡ଼ା ଜଗତ ଏବଂ ବାହାରରୁ ସମର୍ଥନ ଏବଂ ଦୁଃଖର ବାର୍ତ୍ତା ଆସିଛି।

ଗୁରୁବାର ଅପରାହ୍ନରେ ୧୨ ଜଣ କ୍ରୁ ସଦସ୍ୟଙ୍କ ସମେତ ୨୪୨ ଜଣ ଯାତ୍ରୀଙ୍କୁ ନେଇ ଏୟାର ଇଣ୍ଡିଆ ବିମାନଟି ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଭରିବା ପରେ ମେଘାଣୀ ଅଞ୍ଚଳରେ ଏକ ଡାକ୍ତର ହଷ୍ଟେଲରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବୋଇଂ ୭୮୭-୮ ଡ୍ରିମଲାଇନର୍ ବିମାନ ବନ୍ଦର ପରିଧି ନିକଟରେ ଥିବା ଡାକ୍ତର ହଷ୍ଟେଲରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ଏୟାର ଇଣ୍ଡିଆ କହିଛି ଯେ ୨୩୦ ଜଣ ଯାତ୍ରୀଙ୍କ ମଧ୍ୟରେ ୧୬୯ ଜଣ ଭାରତୀୟ, ୫୩ ଜଣ ବ୍ରିଟିଶ, ସାତ ଜଣ ପର୍ତ୍ତୁଗୀଜ ଏବଂ ଜଣେ କାନାଡିଆନ ନାଗରିକ ଥିଲେ।

"ଏୟାର ଇଣ୍ଡିଆ ନିଶ୍ଚିତ କରୁଛି ଯେ ଅହମ୍ମଦାବାଦରୁ ଲଣ୍ଡନ ଗାଟୱିକ୍ ଯାଉଥିବା ବିମାନ ଏଆଇ ୧୭୧ ଗୁରୁବାର ଉଡ଼ାଣ ଭରିବା ପରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଅହମ୍ମଦାବାଦରୁ ୧୩୩୮ ଘଣ୍ଟାରେ ଉଡ଼ାଣ କରିଥିବା ଏହି ବିମାନରେ ୨୪୨ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ଥିଲେ। ଏମାନଙ୍କ ମଧ୍ୟରୁ ୧୬୯ ଜଣ ଭାରତୀୟ ନାଗରିକ, ୫୩ ଜଣ ବ୍ରିଟିଶ ନାଗରିକ, ୧ ଜଣ କାନାଡିଆନ ନାଗରିକ ଏବଂ ୭ ଜଣ ପର୍ତ୍ତୁଗୀଜ ନାଗରିକ। ଆହତମାନଙ୍କୁ ନିକଟତମ ଡାକ୍ତରଖାନାକୁ ନିଆଯାଉଛି। ଅଧିକ ସୂଚନା ପ୍ରଦାନ କରିବା ପାଇଁ ଆମେ ଏକ ଉତ୍ସର୍ଗୀକୃତ ଯାତ୍ରୀ ହଟଲାଇନ୍ ନମ୍ବର, ୧୮୦୦ ୫୬୯୧ ୪୪୪ ମଧ୍ୟ ସ୍ଥାପନ କରିଛୁ। ଏୟାର ଇଣ୍ଡିଆ ଏହି ଘଟଣାର ତଦନ୍ତ କରୁଥିବା କର୍ତ୍ତୃପକ୍ଷଙ୍କୁ ପୂର୍ଣ୍ଣ ସହଯୋଗ କରୁଛି," ଏୟାରଲାଇନ୍ସ କହିଛି।

ବିମାନଟି ପ୍ରଥମ ଅଧିକାରୀ କ୍ଲାଇଭ କୁନ୍ଦରଙ୍କ ସହିତ କ୍ୟାପଟ୍ଟେନ ସୁମିତ ସବରୱାଲଙ୍କ ନେତୃତ୍ୱରେ ଥିଲା। କ୍ୟାପ୍ଟେନ ସୁମିତ ସବରୱାଲ ୮୨୦୦ ଘଣ୍ଟା ଅଭିଜ୍ଞତା ସହିତ ଏକ ଏଲଟିସି। ଅଧିକାରୀ ଜଣକ ଆହୁରି କହିଛନ୍ତି ଯେ ସହ-ପାଇଲଟ୍‌ଙ୍କର ୧୧୦୦ ଘଣ୍ଟା ଉଡ଼ାଣ ଅଭିଜ୍ଞତା ଥିଲା।

# ଡିଆରକେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ : କୋର ହାଣ୍ଟର୍ସ ୯ ୱିକେଟରେ ବିଜୟୀ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଡିଆରକେ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୮ମ ଦିନର ମ୍ୟାଚ୍‌ରେ କୋର ହାଣ୍ଟର୍ସ ୯ ୱିକେଟରେ ରାଫେଲ ରକେଟ୍ସକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ରାଫେଲ ରକେଟ୍ସ ୧୫ ଓଭରରେ ୯ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରୁପମ ମହାନ୍ତି ସର୍ବାଧିକ ୪୩ ରନ କରିଥିଲେ। ଉତ୍ତରରେ କୋର ହାଣ୍ଟର୍ସ ୧୧.୧ ଓଭରରେ ଗୋଟିଏ ମାତ୍ର ୱିକେଟ ହରାଇ ୧୨୧ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ କ୍ଷମାସାଗର ବଳ ୫୨, ଦିବ୍ୟଲୋଚନ ଦାଶ ୩୯ ଓ ଆଦିତ୍ୟ କୁମାର ବସା ୧୯ ରନ ସଂଗ୍ରହ କରିଥିବା ବେଳେ ନିର୍ବିଶଙ୍କର ବାରିକ ଏକ ମାତ୍ର ୱିକେଟ ହାସଲ କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ବୁବୁ ସିନ୍‌ହା ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ପୂର୍ବତନ ରାଜ୍ୟ ସ୍ତରୀୟ କ୍ରିକେଟ ଖେଳାଳି ସଞ୍ଜୟ ମାଇତି ସମେତ ପୂର୍ବତନ କ୍ରିକେଟ ଖେଳାଳି ସୋମନାଥ ସିଂହ, ଯତୀନ୍ଦ୍ର ଷଡ଼ଙ୍ଗୀ, ମାଧବ ସାହୁ, ରମେଶ ଅଗ୍ରୱାଲ ଓ ପୂର୍ବତନ କାଉନସିଲର ପ୍ରଭାସ ମହାନ୍ତି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ ଓ ମୁଖ୍ୟ ଆୟୋଜକ ଅମିତାଭ ଦାସ ଉପସ୍ଥିତ ଥିଲେ।

# ଜାଲ୍ ସାର୍ଟିଫିକେଟ୍ ମାମଲାରେ ବନ୍ଧା ହେଲେ ୫ ଅଭିଯୁକ୍ତ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ପୁଣି ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି ମାମଲାରେ ବନ୍ଧା ହେଲେ ୫ ଅଭିଯୁକ୍ତ। ଜାଲ ଶିକ୍ଷାଗତ ପ୍ରମାଣ ପତ୍ର ପ୍ରଦାନ କରି ଗ୍ରାମୀଣ ଡାକ ସେବକ (ଜିଡିଏସ୍) ଚାକିରି ପାଇବାକୁ ଉଦ୍ୟମ କରିବା ଅଭିଯୋଗରେ ରାଜ୍ୟ କ୍ରାଇମବ୍ରାଞ୍ଚ ଟିମ୍ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ଏକ ବଡ଼ ଖବର ମିଳିଛି । ତେବେ ଏହି ମାମଲାରେ ମୋଟ ଗିରଫ ସଂଖ୍ୟା ଏବେ ୨୫କୁ ବୃଦ୍ଧି ପାଇଛି। ଗିରଫ ହୋଇଥିବା ୫ ଅଭିଯୁକ୍ତ ହେଉଛନ୍ତି ବଲାଙ୍ଗିର ଥାନା ମୁରିବାହଲର କୁଳମଣି ରାଣା (୨୪), ବଲାଙ୍ଗିର ସଦର ଥାନା କୁଟମଦୋଳାର ଅଜାଉଦିନ କୁମ୍ଭାର (୨୮), ଜଗନ୍ନାଥ ପଡାର ରଜତ କୁମାର ନାଏକ (୩୨), ବଲାଙ୍ଗିର ଥାନା ଅଂଚଳର ସୁଧିର ଭୁଏ (୨୭) ଏବଂ ସୁବର୍ଣ୍ଣପୁର ଅଞ୍ଚଳର ତୋଫାନ ବାଗ (୪୫) ।

# ବିହନରୁ ବଜାର ପର୍ଯ୍ୟନ୍ତ : କୃଷକ କଲ୍ୟାଣ ପ୍ରତି ସମର୍ପିତ ମୋଦୀ ସରକାର

## କୃଷକମାନଙ୍କ ଉତ୍ପାଦନର ଉଚିତ ମୂଲ୍ୟ ସରକାରଙ୍କ ଗ୍ୟାରେଣ୍ଟି



**ଶିବରାଜ ସିଂହ ଚୌହାନ**
କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ

ଭାରତ ଏକ କୃଷି ପ୍ରଧାନ ରାଷ୍ଟ୍ର ଭାବରେ ଆବହମାନ କାଳରୁ ଏବଂ ସର୍ବତ୍ର ସୁପରିଚିତ। ଏଠାରେ କୃଷକମାନେ କେବଳ ଅନ୍ନଦାତା ନୁହନ୍ତି, ବରଂ ଦେଶର ଅର୍ଥବ୍ୟବସ୍ଥା ଏବଂ ସାମାଜିକ ସଂରଚନାର ଏକ ମଜଭୁତ ସ୍ତମ୍ଭ ଭାବରେ ରହିଆସିଛନ୍ତି। ଯେତେବେଳେ କୃଷକ କ୍ଷେତରେ ତା'ର ହଳକୁ ଯୋଚିଥାଏ ସେତେବେଳେ ସେ କେବଳ ଫସଲ ଅମଳ କରେନାହିଁ, ଏହା ସହିତ ଦେଶର କୋଟି କୋଟି ନାଗରିକମାନଙ୍କ ସକାଶେ ଜୀବନ ଓ ସମୃଦ୍ଧିର ବୀଜ ମଧ୍ୟ ବପନ କରିଥାଏ। କୃଷି କ୍ଷେତ୍ରରେ କାର୍ଯ୍ୟରତ କୋଟି କୋଟି ଲୋକଙ୍କ ପାଇଁ କର୍ମସଂସ୍ଥାନ ମଧ୍ୟ ଯୋଗାଇଥାଏ। ଏହା ସହିତ, ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଏବଂ ଗ୍ରାମୀଣ ବିକାଶର ପ୍ରମୁଖ ଆଧାର ଭାବରେ ମଧ୍ୟ ଦଣ୍ଡାୟମାନ ହୋଇଥାଏ। ଏଥି ଯୋଗୁ ରାଷ୍ଟ୍ରର ପ୍ରଗତି ସହିତ ଆମର କୃଷକ ଭାଇ ଓ ଭଉଣୀମାନଙ୍କର ମଧ୍ୟ ସମ ପରିମାଣରେ ଉନ୍ନତି ହେବା ଜରୁରୀ।

ଆଦରଣୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ କୁଶଳ ଏବଂ ଦୂରଦର୍ଶୀ ନେତୃତ୍ୱରେ କେନ୍ଦ୍ର ସରକାର କୃଷି ଏବଂ କୃଷକ କଲ୍ୟାଣର ନୀତି ନିର୍ମାଣକୁ ସର୍ବୋଚ୍ଚ ପ୍ରାଥମିକତାର ସ୍ଥାନ ପ୍ରଦାନ କରିଆସିଛନ୍ତି। କୃଷକମାନଙ୍କ ଶ୍ରମକୁ ଉଚିତ ସମ୍ମାନ କିପରି ମିଳିବ, ସେମାନଙ୍କ ଫସଲକୁ କିପରି ଭାବରେ ଉଚିତ ମୂଲ୍ୟ ମିଳିପାରିବ ଏବଂ ସେମାନଙ୍କ ଜୀବନ କିପରି ସରସ ସୁନ୍ଦର ହୋଇପାରିବ, ସେଥିପାଇଁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ। ଆଜି ସାରା ଦେଶରେ ଏଭଳି ନୀତି ଏବଂ ପ୍ରୟାସମାନ ସାକ୍ଷୀ ରୂପେ ଉଭା ହୋଇଛନ୍ତି, ଯାହା କୃଷକମାନଙ୍କ ସମୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ନିମନ୍ତେ ଅତୁଟ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ସରକାରଙ୍କ ପ୍ରତିଟି ପଦକ୍ଷେପ- ପ୍ରତିଟି ଯୋଜନା- ପ୍ରତିଟି ସିଦ୍ଧାନ୍ତ କୃଷକ କଲ୍ୟାଣ ନିମନ୍ତେ ସମର୍ପିତ। ବିଗତ ଏକ ଦଶନ୍ଧି ମଧ୍ୟରେ କେନ୍ଦ୍ର ସରକାର କୃଷକ କଲ୍ୟାଣ ସକାଶେ ଐତିହାସିକ ପଦକ୍ଷେପମାନ ଉଠାଇଛନ୍ତି। ଯାହା ଫଳରେ କେବଳ କୃଷକମାନଙ୍କ ଉପାର୍ଜନ ବୃଦ୍ଧି ପାଇନାହିଁ ବରଂ ସେମାନଙ୍କର ଆତ୍ମବିଶ୍ୱାସ ମଧ୍ୟ ସୁଦୃଢ଼ ହୋଇପାରିଛି। ତାହା ନ୍ୟୁନତମ ସହାୟକ ମୂଲ୍ୟ (ଏମ.ଏସ.ପି.)ରେ ଅଭୂତପୂର୍ବ ବୃଦ୍ଧି ହୋଇଥାଉ, ଅମଳ ଫସଲକୁ କ୍ରୟ କରିବାରେ ରେକର୍ଡ ପରିମାଣର ଅଭିବୃଦ୍ଧି ହୋଇଥାଏ କିମ୍ବା ପ୍ରଯୁକ୍ତିର ନବାଚାର ମାଧ୍ୟମରେ କ୍ଷେତକୁ ଆଧୁନିକ କରିବାର ଉପକ୍ରମ; କେନ୍ଦ୍ର ସରକାର ପ୍ରତି କ୍ଷେତ୍ରରେ କୃଷକମାନଙ୍କ ନିମନ୍ତେ ଦିନ ରାତି କାର୍ଯ୍ୟରତ ଅଛନ୍ତି। ଏଭଳି କୃଷକ ହିତୈଷୀ ନୀତିମାନ, ପ୍ରଯୁକ୍ତିର ଉପଯୋଗ, ନବାଚାର ଏବଂ ବଜାର ପର୍ଯ୍ୟନ୍ତ ସୁଗମ ପହଞ୍ଚ ମାଧ୍ୟମରେ ଭାରତ ଏଭଳି ଏକ କୃଷି ବ୍ୟବସ୍ଥା ଦିଗରେ ଅଗ୍ରସର ହେଉଛି, ଯାହା ଦୀର୍ଘସ୍ଥାୟୀ, ସମାବେଶୀ ଏବଂ ଭବିଷ୍ୟତ ଉନ୍ମୁଖୀ କାର୍ଯ୍ୟପନ୍ଥା ଭାବରେ ସାବ୍ୟସ୍ତ ହୋଇପାରିଛି।

ପୂର୍ବରୁ ଆମର କୃଷକମାନେ ଫସଲ ଉତ୍ପାଦନରୁ ନାମମାତ୍ର ଲାଭ ଉପାର୍ଜନ କରିପାରୁଥିଲେ। କିନ୍ତୁ ଆଦରଣୀୟ ପ୍ରଧାନମନ୍ତ୍ରୀଜୀ ଏ ଦିଗରେ ସ୍ପଷ୍ଟ ନୀତି ପ୍ରବର୍ତ୍ତନ କଲେ ଯାହା ପ୍ରତ୍ୟେକ ଫସଲରେ ଉପାର୍ଜନକୁ ବୃଦ୍ଧି କରିଛି। କୃଷକମାନେ ସେମାନଙ୍କ ଫସଲରୁ ଅନ୍ୟୁନ ୫୦ ପ୍ରତିଶତ ଲାଭ କମାଇବା ସୁନିଶ୍ଚିତ ହୋଇପାରିଛି। ଆଜି ଖରିଫ ହେଉ ଅବା ରବି ଫସଲ ପ୍ରତ୍ୟେକ ଫସଲରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ.ଏସ.ପି.) ୧.୮ରୁ ୩.୩ ଗୁଣ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରିଛି। ୨୦୧୩-୧୪ ମସିହାରେ ଧାନର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୧୩୧୦ ଟଙ୍କା ଥିଲା ଯାହା ୨୦୨୫-୨୬ ବର୍ଷରେ ବୃଦ୍ଧି ପାଇ ୨୩୬୯ ଟଙ୍କା ହୋଇଛି। ଏହିପରି ଜୱାରର ସର୍ବନିମ୍ନ ସହାୟକ ମୂଲ୍ୟ ୧୫୦୦ ଟଙ୍କାରୁ ବୃଦ୍ଧି ପାଇ ୩୬୯୯ ଟଙ୍କା, ବାଜରାର ସର୍ବନିମ୍ନ ସହାୟକ ମୂଲ୍ୟ ୧୨୫୦ ଟଙ୍କାରୁ ୨୭୭୫ ଟଙ୍କା, ରାଗିର ସର୍ବନିମ୍ନ ସହାୟକ ମୂଲ୍ୟ ୧୫୦୦ ଟଙ୍କାରୁ ବୃଦ୍ଧି ପାଇ ୪୮୮୬ ଟଙ୍କା, ମକାର ସର୍ବନିମ୍ନ ସହାୟକ ମୂଲ୍ୟ ୧୩୧୦ ଟଙ୍କାରୁ ୨୪୦୦ ଟଙ୍କା, ଟୁର (ହରଡ଼) ଡାଲିର ସର୍ବନିମ୍ନ ସହାୟକ ମୂଲ୍ୟ ୪୩୦୦ ଟଙ୍କାରୁ ୮୦୦୦ ଟଙ୍କା, ମୁଗର ସର୍ବନିମ୍ନ ସହାୟକ ମୂଲ୍ୟ ୪୫୦୦ ଟଙ୍କାରୁ ୮୭୬୮ ଟଙ୍କା, ଉଡ଼ଦର ସର୍ବନିମ୍ନ ସହାୟକ ମୂଲ୍ୟ ୪୩୦୦ ଟଙ୍କାରୁ ୭୮୦୦ ଟଙ୍କା, ଚିନାବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ ୪୦୦୦ ଟଙ୍କାରୁ ୭୨୬୩ ଟଙ୍କା, ସୂର୍ଯ୍ୟମୁଖୀ ମଞ୍ଜିର ସର୍ବନିମ୍ନ ସହାୟକ ମୂଲ୍ୟ ୩୭୦୦ ଟଙ୍କାରୁ ୭୭୨୧ ଟଙ୍କା, ସୋୟାବିନ (ଲାଲ)ର ସର୍ବନିମ୍ନ ସହାୟକ ମୂଲ୍ୟ ୨୫୬୦ ଟଙ୍କାରୁ ୫୩୨୮ ଟଙ୍କା, ତିଳର ସର୍ବନିମ୍ନ ସହାୟକ ମୂଲ୍ୟ ୪୫୦୦ ଟଙ୍କାରୁ ୯୮୪୬ ଟଙ୍କା, ରାମତିଳର ସର୍ବନିମ୍ନ ସହାୟକ ମୂଲ୍ୟ ୩୫୦୦ ଟଙ୍କାରୁ ୯୫୩୭ ଟଙ୍କା, କପାର ସର୍ବନିମ୍ନ ସହାୟକ ମୂଲ୍ୟ ୩୭୦୦ ଟଙ୍କାରୁ ୭୭୧୦ ଟଙ୍କା ପ୍ରତି କ୍ୱିଣ୍ଟାଲ ହୋଇଛି। ରବି ଫସଲରେ ଗହମର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ମୂଲ୍ୟ ୧୪୦୦ ଟଙ୍କାରୁ ୨୪୨୫ ଟଙ୍କା, ଜଓ୍ୱାରେ ସର୍ବନିମ୍ନ ସହାୟକ ମୂଲ୍ୟ ୧୧୦୦ ଟଙ୍କାରୁ ୧୯୮୦ ଟଙ୍କା, ଚଣାର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାରୁ ୫୬୫୦ ଟଙ୍କା, ମସୁରର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୫୦ ଟଙ୍କାରୁ ୬୭୦୦ ଟଙ୍କା, ରେପସିଡ୍/ସୋରିଷର ସର୍ବନିମ୍ନ ସହାୟକ ମୂଲ୍ୟ ୩୦୫୦ ଟଙ୍କାରୁ ୫୯୫୦ ଟଙ୍କା, କୁସୁମର ସର୍ବନିମ୍ନ ସହାୟକ ମୂଲ୍ୟ ୩୦୦୦ ଟଙ୍କାରୁ ୫୯୪୦ ଟଙ୍କା, ପଟସନର ସର୍ବନିମ୍ନ ସହାୟକ ମୂଲ୍ୟ ୨୪୦୦ ଟଙ୍କାରୁ ୫୬୫୦ ଟଙ୍କା, ଏବଂ କୋପରା (ନଡ଼ିଆପାତି)ର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୫୨୫୦ ଟଙ୍କାରୁ ୧୧,୫୮୨ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହିସବୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟରେ ଘଟିଥିବା ଐତିହାସିକ ବୃଦ୍ଧି ଦେଶର କୃଷକମାନଙ୍କୁ ବିଶେଷ ଭାବରେ ସହାୟକ ହୋଇପାରିଛି। ଏହା କେବଳ ସେମାନଙ୍କ ଶ୍ରମର ଉପଯୁକ୍ତ ମୂଲ୍ୟ ଯୋଗାଇନାହିଁ, ଅପରପକ୍ଷେ ସେମାନଙ୍କୁ ସମ୍ପୂର୍ଣ୍ଣ ମୂଲ୍ୟ ମିଳିବାକୁ ମଧ୍ୟ ସୁନିଶ୍ଚିତ କରିଛି।

୨୦୦୪-୧୪ ଦଶନ୍ଧି ତୁଳନାରେ ୨୦୧୪-୨୫ ଦଶନ୍ଧି ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ.ଏସ.ପି.) ଆଧାରରେ କ୍ରୟ କରାଯାଇଥିବା ଫସଲର ମାତ୍ରା ଏବଂ ମୂଲ୍ୟ ପଦୋନ୍ନରେ ରେକର୍ଡ ବୃଦ୍ଧି ଘଟିଛି। ଧାନର କ୍ରୟ ୪୫ କୋଟି ୯୦ ଲକ୍ଷ ମେଟ୍ରିକ୍ ଟନ୍‌ରୁ ବୃଦ୍ଧିପାଇ ୭୬ କୋଟି ୦୮ ଲକ୍ଷ ମେଟ୍ରିକ୍ ଟନ୍ (୧.୭ ଗୁଣ ଅଧିକ) ହୋଇଛି। ଗହମ ୨୨ କୋଟି ୫୪ ଲକ୍ଷରୁ ବୃଦ୍ଧି ପାଇ ୩୩ କୋଟି ୩୭ ଲକ୍ଷ ଟନ୍ (୧.୪ ଗୁଣ ଅଧିକ), ଡାଲି ଜାତୀୟ ଶସ୍ୟ ୬ ଲକ୍ଷ ୨୯ ହଜାର ଟନ୍‌ରୁ ବୃଦ୍ଧି ପାଇ ୧ କୋଟି ୮୦ ଲକ୍ଷ ଟନ୍ (୨୮.୬ ଗୁଣ ଅଧିକ), ତୈଳବୀଜ ୪୭ ଲକ୍ଷ ୭୫ ହଜାର ଟନରୁ ବୃଦ୍ଧି ପାଇ ୧ କୋଟି ୨୭ ଲକ୍ଷ ଟନ୍ (୨.୭ ଗୁଣ ଅଧିକ), ଅର୍ଥକରୀ ଫସଲ ୩୫ ଲକ୍ଷ ୨୭ ହଜାର ଟନ୍‌ରୁ ବୃଦ୍ଧି ପାଇ ୮୦ ଲକ୍ଷ ୮୩ ହଜାର ଟନ୍ (୨.୩ ଗୁଣ ଅଧିକ) ଏବଂ ସମସ୍ତ ସର୍ବନିମ୍ନ ସହାୟକ ମୂଲ୍ୟଯୁକ୍ତ ଫସଲକୁ ମିଶାଇ ୬୯ କୋଟି ୮୭ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇ ୧୧୩ କୋଟି ୯୨ ଲକ୍ଷ ମେଟ୍ରିକ୍ ଟନ୍ (୧.୬ ଗୁଣ ଅଧିକ) ହୋଇଛି। କୃଷକମାନଙ୍କୁ ଦିଆଯାଇଥିବା ମୂଲ୍ୟର ଏମ.ଏସ.ପି. ରାଶି ମଧ୍ୟ ସମସ୍ତ ଫସଲ ନିମନ୍ତେ ୭ ଲକ୍ଷ ୪୧ ହଜାର କୋଟି ଟଙ୍କାରୁ ବୃଦ୍ଧି ପାଇ ୨୩ ଲକ୍ଷ ୬୧ ହଜାର କୋଟି ଟଙ୍କା (୩.୨ ଗୁଣ ଅଧିକ) ହୋଇଛି। ଧାନ ପାଇଁ ୪ ଲକ୍ଷ ୪୪ ହଜାର କୋଟି ଟଙ୍କାରୁ ବୃଦ୍ଧି ପାଇ ଏହା ୧୪ ଲକ୍ଷ ୧୬ ଲକ୍ଷ କୋଟି (୩.୨ ଗୁଣ ଅଧିକ), ଗହମ ନିମନ୍ତେ ଏହା ୨ ଲକ୍ଷ ୫୬ ହଜାର କୋଟି ଟଙ୍କାରୁ ବଢ଼ି ୫ ଲକ୍ଷ ୬୫ ହଜାର କୋଟି ଟଙ୍କା (୨.୨ ଗୁଣ ଅଧିକ), ଡାଲି ଜାତୀୟ ଶସ୍ୟ ନିମନ୍ତେ ୧୯ଶହ କୋଟି ଟଙ୍କାରୁ ବୃଦ୍ଧି ପାଇ ୯୮ ହଜାରର କୋଟି (୫୧ ଗୁଣ ଅଧିକ), ତୈଳ ଜାତୀୟ ଶସ୍ୟ ନିମନ୍ତେ ୯ ହଜାର କୋଟିରୁ ବୃଦ୍ଧି ପାଇ ୬୫ ହଜାର କୋଟି ଟଙ୍କା ) ୭.୧ ଗୁଣ ଅଧିକ), ଅର୍ଥକାରୀ ଫସଲମାନଙ୍କ ନିମନ୍ତେ ୨୬ ହଜାର କୋଟି ଟଙ୍କାରୁ ବଢ଼ି ୧ ଲକ୍ଷ ୩୩ ହଜାର କୋଟି ଟଙ୍କା (୫ ଗୁଣ ଅଧିକ) ପ୍ରଦାନ କରାଯାଇଛି। ଏହି ହିସାବ କୃଷକମାନଙ୍କ ପ୍ରତି ମୋଦୀ ସରକାରଙ୍କ ପ୍ରତିବଦ୍ଧତା, କୃଷକମାନଙ୍କ ଶ୍ରମକୁ ସମ୍ମାନ ଜଣାଇ ଏବଂ ସେମାନଙ୍କ ଆର୍ଥିକ ସୁଦୃଢ଼ ଅବସ୍ଥାକୁ ପ୍ରମାଣିତ କରେ।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ଏହା ସୁନିଶ୍ଚିତ କରିଛନ୍ତି ଯେ ଡାଲି ଜାତୀୟ ଶସ୍ୟ, ତୈଳ ଜାତୀୟ ଶସ୍ୟ ଏବଂ ଅର୍ଥକରୀ ଫସଲ ଭଳି ତୈଳ, ଚିନାବାଦାମ ଏବଂ ସୂର୍ଯ୍ୟମୁଖୀରେ ମଧ୍ୟ ରେକର୍ଡ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ.ଏସ.ପି.) ବୃଦ୍ଧି ହୋଇଛି, ଯାହା ଫଳରେ କୃଷକମାନଙ୍କୁ ଫସଲର ବିବିଧତାର ଲାଭ ମିଳିପାରୁଛି ଏବଂ ଏହାର ଉପାର୍ଜନ ମଧ୍ୟ ସ୍ଥିର ରହିପାରିଛି। କେନ୍ଦ୍ର ସରକାର କେବଳ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପର୍ଯ୍ୟନ୍ତ କେବଳ ନିଜେ ସୀମିତ ରହି ନାହାନ୍ତି, ଅପରପକ୍ଷେ ଏହା ମଧ୍ୟ ସୁନିଶ୍ଚିତ କରିଛନ୍ତି ଯେ ଏହି ଲାଭ ସିଧାସଳଖ ଭାବରେ କୃଷକମାନଙ୍କ ଜମାଖାତାରେ ଯେପରି ପହଞ୍ଚିପାରିବ। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ (ଡି.ବି.ଟି.) ମାଧ୍ୟମରେ ଆମେ ପାରଦର୍ଶିତା ଏବଂ ଗତିର ସହିତ କୃଷକମାନଙ୍କୁ ସେମାନଙ୍କୁ ନିଜ ଶ୍ରମର ପୂରା ମୂଲ୍ୟ ପ୍ରଦାନର ବ୍ୟବସ୍ଥା କରିଛନ୍ତି। ଏହା ଏଭଳି ଏକ କୃଷି ବିପ୍ଳବ ଯାହା ଆମର କୃଷକ ଭାଇ ଭଉଣୀମାନଙ୍କୁ ଜୀବନ ଓ କ୍ଷେତର ଦଶା ଓ ଦିଶା ବଦଳି ଚାଲିଛି। ଏହା ଫଳରେ କୃଷକମାନେ ନିଶ୍ଚିତ ହୋଇ କୃଷିକାର୍ଯ୍ୟ କରିପାରିବେ, କାରଣ ସେମାନଙ୍କୁ ଜଣାଅଛି ଯେ ସେମାନଙ୍କର ଫସଲର ଉଚିତ ମୂଲ୍ୟ ଓ ସମୟ ଅନୁସାରେ ଉପଯୁକ୍ତ ମୂଲ୍ୟ ପ୍ରାପ୍ତି ସୁନିଶ୍ଚିତ ହୋଇପାରିଛି।

ବର୍ତ୍ତମାନ କେନ୍ଦ୍ର ସରକାର ବିହନ ଠାରୁ ବଜାର ପର୍ଯ୍ୟନ୍ତ, ପ୍ରତି ପଦକ୍ଷେପରେ କୃଷକମାନଙ୍କ ସହିତ ଠିଆ ହୋଇଛନ୍ତି। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଠାରୁ କୃଷକମାନଙ୍କୁ ନିଜର କ୍ଷେତ ମାଟିର ରାସାୟନିକ ଉପାଦାନ ଜାଣିବା ଏବଂ ଉପଯୁକ୍ତ ଫସଲ ଚୟନରେ ସହାୟକ ହୋଇପାରିଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପି.ଏମ.ଏଫ.ବି.ୱାଇ.) ପ୍ରାକୃତିକ ବିପର୍ଯ୍ୟୟରୁ ଆର୍ଥିକ ସୁରକ୍ଷା ଦେଇଆସୁଛି। ଇ-ନାମ୍ ମାଧ୍ୟମରେ ଡିଜିଟାଲ ସହିତ ଯୋଡ଼ି ହୋଇ କୃଷକମାନଙ୍କୁ ଉତ୍ତମ ଓ ଉଚିତ ମୂଲ୍ୟ ମିଳିପାରୁଛି। ଡ୍ରୋନ୍ ଏବଂ ସ୍ମାର୍ଟ ସିଞ୍ଚନ ପ୍ରଯୁକ୍ତି କୃଷିକୁ ସହଜ ଏବଂ ଆଧୁନିକ ବନାଇଛି। ଏହା ସହିତ, ପ୍ରାକୃତିକ କୃଷି, ଫସଲ ବିବିଧିକରଣ, ଏବଂ କୃଷି ଯନ୍ତ୍ରପାତି ଉପରେ ଅନୁଦାନ ମାଧ୍ୟମରେ ଆମେ କୃଷକମାନଙ୍କୁ ଆତ୍ମନିର୍ଭରଶୀଳ ବନାଇବା ଦିଗରେ ସକଳ ପ୍ରକାର ପ୍ରୟାସ କରିଛୁ। ସରକାର କୃଷକମାନଙ୍କୁ ସୁଧ ସହାୟତା ଅଧୀନରେ କିଷାନ କ୍ରେଡିଟ୍ କାର୍ଡ (କେ.ସି.ସି.) ମାଧ୍ୟମରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ ଋଣ ୭ ପ୍ରତିଶତ ସୁଧ ଉପଲବ୍ଧ କରାଇଛୁ। ନିର୍ଦ୍ଧାରିତ ସମୟରେ ଋଣ ପରିଶୋଧ ଉପରେ ଅତିରିକ୍ତ ୩ ପ୍ରତିଶତ ସୁଧ ରିହାତି ପ୍ରଦାନର ମଧ୍ୟ ବ୍ୟବସ୍ଥା ରହିଛି। ଏହା ଫଳରେ ପ୍ରଭାବୀ ସୁଧ ଦର ୪ ପ୍ରତିଶତ ମାତ୍ର ରହିଥାଏ। ଦେଶରେ ୭.୭୫ କୋଟିରୁ ଅଧିକ କେ.ସି.ସି. ଖାତା ରହିଛି, ଯାହା ମାଧ୍ୟମରେ କୃଷକମାନଙ୍କୁ ଶସ୍ତା ଓ ସୁଲଭ ଋଣ ମିଳିପାରୁଛି। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଇ-ନାମ୍, ଡ୍ରୋନ୍, ସ୍ମାର୍ଟ ସିଞ୍ଚନ, ପ୍ରାକୃତିକ କୃଷି, କୃଷି ଯନ୍ତ୍ରପାତି କ୍ରୟ ଉପରେ ଅନୁଦାନ ଆଦି ମାଧ୍ୟମରେ କୃଷିକୁ ଆଧୁନିକ ଏବଂ ଦୀର୍ଘସ୍ଥାୟୀ କରାଯାଇପାରିଛି।

ଚଣା, ମସୁର, ଉଡ଼ଦ ଏବଂ ହରଡ଼ ଭଳି ଫସଲର କ୍ରୟ ଏବଂ ମୂଲ୍ୟ ପ୍ରଦାନ ବ୍ୟବସ୍ଥାକୁ ମଜଭୁତ କରାଯାଇଛି, ଯାହା ଫଳରେ କୃଷକମାନଙ୍କୁ ଉଚିତ ସମୟରେ ସେମାନଙ୍କର ହକ୍ ମିଳିପାରୁଛି। ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ (ପି.ଏମ.- ଏ.ଏ.ଏସ.ଏଚ.ଏ.) ଅଧୀନରେ ମୂଲ୍ୟ ସମର୍ଥନ ଯୋଜନା (ପି.ଏସ.ଏସ.), ମୂଲ୍ୟ ନ୍ୟୁନତା ପ୍ରଦାନ ଯୋଜନା (ପି.ଡି.ପି.ଏସ.), ବଜାର ହସ୍ତକ୍ଷେପ ଯୋଜନା (ଏମ.ଆଇ.ଏସ.) ଏବଂ ମୂଲ୍ୟ ସ୍ଥିରୀକରଣ ନିଧି (ପି.ଏସ.ଏଫ.)କୁ ପ୍ରବର୍ତ୍ତନ କରାଯାଇଛି। ପି.ଏସ.ଏସ. ଅଧୀନରେ ଡାଲି ଜାତୀୟ ଶସ୍ୟ, ତୈଳବୀଜ ଏବଂ କୋପରାର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ କ୍ରୟ ଅର୍ଥ ସିଧାସଳଖ ଭାବରେ କୃଷକମାନଙ୍କ ଜମାଖାତାରେ ପୈଠ କରାଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ସୋୟାବିନର ୧୯.୯୭ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ୧୭.୭୩ ଲକ୍ଷ ମେଟ୍ରିକ୍ ଟନର ଚିନାବାଦାମ କ୍ରୟ କରାଯାଇଛି ଯାହା ଏପର୍ଯ୍ୟନ୍ତ ସର୍ବାଧିକ ସଂଗ୍ରହ। ଟୁର, ଉଡ଼ଦ ଏବଂ ମସୁରର ୧୦୦ ପ୍ରତିଶତ କ୍ରୟ ସୁନିଶ୍ଚିତ କରାଯାଇଛି ଯାହା ଫଳରେ ଏହିସବୁ ଫସଲର କୃଷିକୁ ପ୍ରୋତ୍ସାହନ ମିଳିପାରିବ। ପି.ଡି.ପି.ଏସ. ଅଧୀନରେ ତୈଳବୀଜ ଉତ୍ପାଦନକାରୀ କୃଷକମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ବଜାର ମୂଲ୍ୟ ମଧ୍ୟରେ ଥିବା ପାର୍ଥକ୍ୟକୁ ପୂରଣ କରି ସେହି ଅର୍ଥକୁ ସିଧାସଳଖ ଭାବରେ ସେମାନଙ୍କ ଜମାଖାତାରେ ପୈଠ କରାଯାଉଛି।

ରାଜ୍ୟମାନେ କ୍ରୟ କରିବା ନିମନ୍ତେ ପର୍ଯ୍ୟାପ୍ତ ମାତ୍ରାରେ ସ୍ୱୀକୃତ କରାଯାଇଛି ଏବଂ ଆବଶ୍ୟକତା ଅନୁସାରେ ସମୟ ସୀମା ମଧ୍ୟ ବୃଦ୍ଧି କରାଯାଇଛି। ଏମ.ଆଇ.ଏସ. ଅଧୀନରେ କର୍ଣ୍ଣାଟକରୁ ଅଦା କ୍ରୟ, ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନାରୁ ଲାଲ ଲଙ୍କା କ୍ରୟ, ମଧ୍ୟ ପ୍ରଦେଶ, ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶରୁ ଟମାଟୋ କ୍ରୟରେ ଏନ.ସି.ସି.ଏଫ. ଏବଂ ନାଫେଡ୍ ମାଧ୍ୟମ ରୂପେ କାର୍ଯ୍ୟ କରୁଛନ୍ତି। ଗୁଜରାଟରୁ ଚଣା କ୍ରୟ ନିମନ୍ତେ ୩.୨୭ ଲକ୍ଷ ମେଟ୍ରିକ୍ ଟନ୍ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି। ମହାରାଷ୍ଟ୍ରରୁ ଟୁର୍ ଡାଲି ଏବଂ ଆସାମରୁ ସୋରିଷ କ୍ରୟର ଅବଧିକୁ ମଧ୍ୟ ବୃଦ୍ଧି କରାଯାଇଛି। କର୍ଣ୍ଣାଟକରୁ ଅଦା କ୍ରୟ ନିମନ୍ତେ ଏମ.ଆଇ.ଏସ. ଲାଗୁ କରାଯାଇଛି। ସରକାର ଡାଲି ଜାତୀୟ ଶସ୍ୟର କ୍ରୟ ମିଶନ୍ ଆତ୍ମନିର୍ଭରଶୀଳତା ଅଧୀନରେ ସରକାରୀ ଗ୍ୟାରେଣ୍ଟି ଭାବରେ ୪୫,୦୦୦ କୋଟି ଟଙ୍କାର ଗ୍ୟାରେଣ୍ଟି ପରିମାଣକୁ ୬୦,୦୦୦ କୋଟି ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ଥିବା ପ୍ରସ୍ତାବ ରଖିଛନ୍ତି, ଯାହା ଫଳରେ ଏହାର କ୍ରୟ ଏବଂ ଭଣ୍ଡାରଣ ପ୍ରକ୍ରିୟାକୁ ଅଧିକ ମଜଭୁତ କରାଯାଇ ପାରିବ। ଏହା ସହିତ, କ୍ରୟ କରାଯାଇଥିବା ଫସଲକୁ ଯଥାଶୀଘ୍ର ବିତରଣ ନିମନ୍ତେ ମଧ୍ୟ ଦିଶା ନିର୍ଦ୍ଦେଶ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଟି.ଓ.ପି. (ଟମାଟୋ, ପିଆଜ, ଆଳୁ) ଫସଲର ଭଣ୍ଡାରଣ ଏବଂ ପରିବହନ ମୂଲ୍ୟର ପ୍ରତିପୂର୍ତ୍ତି ନିମନ୍ତେ ମଧ୍ୟ ନୂତନ ବ୍ୟବସ୍ଥା ଲାଗୁ କରିଛନ୍ତି।

ଆଜିର ଯୁବ ବିଜ୍ଞାନ ଏବଂ ପ୍ରଯୁକ୍ତିର ଯୁଗ। କୃଷି କ୍ଷେତକୁ ଉନ୍ନତ ଏବଂ ବିକଶିତ କରିବା ନିମନ୍ତେ ଆମର ବୈଜ୍ଞାନିକମାନେ ଅନେକ ପ୍ରକାର ପ୍ରୟାସ ଓ ପ୍ରୟୋଗ କରିଚାଲିଛନ୍ତି। ବିଜ୍ଞାନାଗାରରେ ହେଉଥିବା ଗବେଷଣା କିପରି କୃଷି କ୍ଷେତ ପର୍ଯ୍ୟନ୍ତ ପହଞ୍ଚିବ ଏବଂ କୃଷକମାନଙ୍କୁ ବିଜ୍ଞାନର ସିଧାସଳଖ ଲାଭ ମିଳିବ, ଏଥି ନିମନ୍ତେ ଦେଶବ୍ୟାପୀ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଆରମ୍ଭ କରାଯାଇଛି। ଏହା ଅଧୀନରେ ମଇ ୨୯ରୁ ଠାରୁ ଜୁନ୍ ୧୨ ପର୍ଯ୍ୟନ୍ତ ଦେଶର ୭୦୦ରୁ ଅଧିକ ଜିଲ୍ଲାରେ ୧୬ ହଜାର ବୈଜ୍ଞାନିକ ଗାଁ ଗାଁ ବୁଲି କୃଷକ ଭାଇ ଭଉଣୀମାନଙ୍କୁ ଉନ୍ନତ କୃଷିକର୍ମର ପ୍ରଯୁକ୍ତି, ଉତ୍ତମ ବିହନ, ଜୈବିକ ସାର ଏବଂ ଜଳବାୟୁ ଅନୁକୂଳ କୃଷି ପଦ୍ଧତି ସମ୍ପର୍କରେ ସୂଚୀତ କରୁଛନ୍ତି ଯାହା ଫଳରେ କେବଳ ଉତ୍ପାଦନ ବୃଦ୍ଧି ପାଇବନାହିଁ, ଅପରନ୍ତୁ ଉନ୍ନତ କୃଷି ମାଧ୍ୟମରେ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ମଧ୍ୟ ଗତି ମିଳିପାରିବ। ଏହି ସମସ୍ତ ଉପାୟ ଏବଂ ଉପଲବଧି ସହିତ ମୋଦୀ ସରକାର କୃଷକମାନଙ୍କ ହିତ ସାଧନ ନିମନ୍ତେ ଐତିହାସିକ ଓ ନିର୍ଣ୍ଣାୟକ ପଦକ୍ଷେପମାନ ଉଠାଇଛନ୍ତି। ପ୍ରଯୁକ୍ତି ନବାଚାର ସହିତ ଏହିସବୁ ଉପାୟ କୃଷକମାନଙ୍କୁ ଆତ୍ମନିର୍ଭରଶୀଳ, ସମୃଦ୍ଧ ଏବଂ ଖୁସି ରଖିବା ଦିଗରେ ଅନେକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହି ପ୍ରତିବଦ୍ଧତା ଭବିଷ୍ୟତରେ ମଧ୍ୟ ଜାରି ରହିବ, ଯାହା ଫଳରେ ଆମର କୃଷକମାନେ ସଶକ୍ତ ହୋଇପାରିବେ ଏବଂ ଦେଶ ଏକ କୃଷି ମହାଶକ୍ତି ରୂପେ ଉଭା ହେବା ଦିଗରେ ଆଗକୁ ଅଗ୍ରସର ହୋଇପାରିବ।

ଭୁବନେଶ୍ୱର
୧୩ ଜୁନ୍,
ଶୁକ୍ରବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଅଣସରରେ ଦାରୁବ୍ରହ୍ମ : ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି ପଟିଦିଅଁ

**ପୁରୀ,୧୨/୦୬ ନ୍ୟୁଜ ବ୍ୟୁରୋ**

ଦେବସ୍ନାନ ପୂର୍ଣ୍ଣିମାର ନିଶାର୍ଦ୍ଧରେ ଦାରୁବ୍ରହ୍ମ ଜୟବିଜୟ ଦ୍ୱାର ଦେଇ ଅଣସର ପିଣ୍ଡିରେ ଅବସ୍ଥାନ କଲେ । କାଷ୍ଠା ସିଂହାସନରେ ମାଟି ବାଡ଼ ଦେଇ ତାଟି ବନ୍ଧାଗଲା । ଧୁକୁଡ଼ି ଦ୍ୱାର ନାମରେ ଦଇତାପତିଙ୍କ ପ୍ରବେଶ କ୍ଷୁଦ୍ର ଦ୍ୱାର ରହିଛି । ଏଠାରେ ମହାପ୍ରଭୁ ପ୍ରତିମା ନୁହନ୍ତି ପ୍ରତୀକାତ୍ମକ ବିଗ୍ରହ । ବିଶ୍ୱାବସୁଙ୍କ ବଂଶଧର ଭାବେ ଦଇତାପତି ମହାପ୍ରଭୁଙ୍କ ଆତ୍ମୀୟ । ଏଣୁ ଗୁରୁବାର ଠାରୁ ଆତ୍ମୀୟଙ୍କ ଦ୍ୱାରା ମହାପ୍ରଭୁଙ୍କ ଗୁପ୍ତ ସେବା ଆରମ୍ଭ ହୋଇଛି । ଏହି ସମୟରେ ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି ପଟିଦିଅଁ । ଏଣୁ ବୁଧବାର ବିଳମ୍ବିତ ରାତିରେ ପାରମ୍ପରିକ ଚିତ୍ରକାର ସେବକଙ୍କ ଘରୁ ପଟୁଆରରେ ଶ୍ରୀମନ୍ଦିରକୁ ପଟିଦିଅଁ ବିଜେ ହୋଇଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀ ନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ଭୁବନେଶ୍ୱରୀ ଓ ବଡ଼ଠାକୁର



ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ପଟିଦିଅଁ ରୂପେ ପୂଜା ପାଉଛନ୍ତି । 'ଯଥା ଦେହେ ତଥା ଦେବେ' ନ୍ୟାୟରେ ସ୍ନାନବେଦୀରେ ୧୦୮ଗରା ଜଳ ସ୍ନାନ ପରେ ଜ୍ୱରରେ ପଡ଼ିଲେ ଠାକୁରେ । ୧୫ ଦିନର ଗୁପ୍ତ ସେବା ପରେ ଜ୍ୱରରୁ ମୁକ୍ତି ମିଳିବ । ଜ୍ୱର ପୀଡ଼ିତଙ୍କୁ ଯେପରି ପଥ୍ୟ, ପାଚନ ଏବଂ ଔଷଧର ଆବଶ୍ୟକତା ପଡ଼ିଥାଏ ଠିକ୍ ସେହିପରି ଶ୍ରୀବିଗ୍ରହଙ୍କ ସେବା କରିବେ ଦଇତାପତି । ଏହି ସମୟରେ ଶ୍ରୀଜୀଉ ଭକ୍ତଙ୍କୁ ଦର୍ଶନ ଦେବେ ନାହିଁ । ବିଧିମୁତାବକ ଜଗମୋହନରେ ବିଜେ ହୋଇଥିବା ପଟିଦିଅଁଙ୍କୁ ଭକ୍ତମାନେ ଦର୍ଶନକରି ପୂଜାର୍ଚ୍ଚନା କରିଥାନ୍ତି । ଶ୍ରୀ ଅନନ୍ତ ବାସୁଦେବଙ୍କ ସମ୍ମୁଖରେ ଶ୍ରୀରାମକୃଷ୍ଣ ଓ ଶ୍ରୀନୃସିଂହଙ୍କ ପ୍ରତିମୂର୍ତ୍ତି, ଶ୍ରୀ ନାରାୟଣଙ୍କ ସମ୍ମୁଖରେ ମଦନମୋହନ ଓ ଦୋଳଗୋବିନ୍ଦ ଓ ମା'ଭୁବନେଶ୍ୱରୀଙ୍କ ସମ୍ମୁଖରେ ଭୂଦେବୀ ଓ ଶ୍ରୀଦେବୀ ଅଧିଷ୍ଠିତ ହୋଇଥାନ୍ତି । ନୀତି ମୁତାବକ ସେବକମାନେ ପୂର୍ବଭଳି ପଟିଦିଅଁ ତଥା ଦଶଅବତାରଙ୍କ ପୂଜାର୍ଚ୍ଚନା ଜାରି ରହିବ। ଏପଟେ ଜୟବିଜୟ ଦ୍ୱାର ବନ୍ଦ ହେଲେ ଦଇତାପତିମାନେ ସାମୂହିକ ଭାବେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସେବା ପୂଜା କରିବେ । ଗୁରୁବାରଠାରୁ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କୁ ଦର୍ଶନ କରିବା ଆରମ୍ଭ ହୋଇଛି ।

## ରଜ ପାଇଁ ସୋମବାର ପର୍ଯ୍ୟଟକଙ୍କ ଲାଗି ଖୋଲା ରହିବ ନନ୍ଦନକାନନ : ମଙ୍ଗଳବାର ବନ୍ଦ

**ବାରଙ୍ଗ,୧୨/୦୬ ନ୍ୟୁଜ ବ୍ୟୁରୋ**

ପ୍ରତ୍ୟେକ ସୋମବାର ନନ୍ଦନକାନନ ବନ୍ଦ ରହୁଥିବା ବେଳେ ଆସନ୍ତା ସୋମବାର ୧୬ ତାରିଖ ନନ୍ଦନକାନନ ଖୋଲା ରହିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ଓଡ଼ିଶାର ଗଣପର୍ବ ରଜ ୧୪ ତାରିଖ ଠାରୁ ଆରମ୍ଭ ହେଉଛି । ୧୬ ତାରିଖ ସୋମବାର ଶେଷ ରଜ ଓ ରଜ ସଂକ୍ରାନ୍ତି । ରଜ ୩ ଦିନ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ । ତେଣୁ ସୋମବାର ନନ୍ଦନକାନନର ଉଭୟ ପ୍ରାଣୀ ଓ ଉଦ୍ଭିଦ ଉଦ୍ୟାନ ଖୋଲା ରହିବ । ମଙ୍ଗଳବାର ୧୭ ତାରିଖ ଉଭୟ ଉଦ୍ୟାନ ବନ୍ଦ ରହିବ ।






ଭୁବନେଶ୍ୱର : ସାଉଥ୍ କୋରିଆରେ ଆୟୋଜିତ ଏସିଆନ୍ ଆଥଲେଟ୍ ଚାମ୍ପିଅନସିପ୍‌ର ରିଲେରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଥିବା ଓଡ଼ିଶାର ଗର୍ବ ଶ୍ରାବଣୀ ନନ୍ଦ ନବୀନ ନିବାସରେ ବିରୋଧି ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି । ଇତ୍ୟବସରରେ ଶ୍ରୀ ପଟ୍ଟନାୟକ ଶ୍ରାବଣୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । (ଫଟୋ : ସମ୍ବାଦ କଳିକା)

## କୃଷି ଉତ୍ପାଦ ରପ୍ତାନିରେ ଏକ ନମ୍ବର ହେବ ଓଡ଼ିଶା : ଉପମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର, ୧୨/୬**
**ନ୍ୟୁଜ ବ୍ୟୁରୋ**

କୃଷି ଉତ୍ପାଦ ରପ୍ତାନି କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ନମ୍ବର ହେବ । ଏଥିରେ ମୁଖ୍ୟ ଭୂମିକା ଗଞ୍ଜାମ ଗ୍ରହଣ କରିବ । ସେହିପରି ଆଗାମୀ ଦିନରେ ଓଡ଼ିଶାରେ ଅଧିକ ମାତ୍ରାରେ ଅଟୋମୋବାଇଲ ଓ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଯୋଜନା କରୁଛନ୍ତି । ବିଜେପି ନିର୍ବାଚନ ସମୟରେ ୨୨ ଗୋଟି ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିଲା । ସେଥି ମଧ୍ୟରୁ ପ୍ରଥମ ବର୍ଷରେ ୧୧ ଟି ପ୍ରତିଶ୍ରୁତି ପୂରଣ କରିଛି । ଆସନ୍ତା ୪ ବର୍ଷରେ ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ବିକଶିତ ହେବ ବୋଲି ବ୍ରହ୍ମପୁର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ।




ଗୁରୁବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦିନିକିଆ ଗଞ୍ଜାମ ଗସ୍ତରେ ଆସିଥିଲେ । ସରକାର ଗଠନର ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ପ୍ରଥମେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୃକ୍ଷ ରୋପଣ କରିଥିଲେ । ଏହାପରେ ବ୍ରହ୍ମପୁର ବିଧାୟକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦାନ କରି ସରକାରଙ୍କ ଏକ ବର୍ଷର ବିକାଶ ରିପୋର୍ଟ ପ୍ରଦାନ କରିଛନ୍ତି । ଏହାପରେ ସର୍କିଟ ହାଉସ ଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବ୍ରହ୍ମପୁର ମହାନଗର ନିଗମ ପାଇଁ ବିକାଶ ବାହନ ଉଦ୍‌ଘାଟନ କରିଥିଲେ । ଏହାପରେ ବରିଷ୍ଠ ନାଗରିକଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ବଣ୍ଟନ କରିଥିଲେ । ଏହି ଗସ୍ତ ସମୟରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ ପାଢ଼ୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ ରଞ୍ଜନ ପୃଷ୍ଟି, ବିଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, କଲ୍ୟାଣୀ ସଂଘମିତ୍ରା, ସିଡିଏମଓ ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ମୃତ ସନ୍ତୋଷଙ୍କ ପିଲାଙ୍କ ପାଠ ପଢ଼ା ଖର୍ଚ୍ଚ ବହନ କରିବେ ସରକାର

**ଭୁବନେଶ୍ୱର ୧୨/୦୬ ନ୍ୟୁଜ ବ୍ୟୁରୋ**

ଭଦ୍ରକ ତିହିଡି ଥାନା ଅଞ୍ଚଳରେ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ସନ୍ତୋଷ ପରିଡାଙ୍କ ପିଲାଙ୍କ ପାଠ ପଢ଼ା ଖର୍ଚ୍ଚ ସରକାର ବହନ କରିବେ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ବୁଧବାର ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ସନ୍ତୋଷଙ୍କ ନିକଟ ସମ୍ପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ଏବଂ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

## ଦିବ୍ୟାଙ୍ଗ ପ୍ରଫୁଲ୍ଲଙ୍କୁ ତୁରନ୍ତ ଘର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୨।୬ ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ଗ୍ରାମର ଶତ ପ୍ରତିଶତ ଦୃଷ୍ଟି ବାଧିତ ଦିବ୍ୟାଙ୍ଗ ପ୍ରଫୁଲ୍ଲ କୁମାର ଦାସଙ୍କ ସମସ୍ୟା ବିଷୟରେ ଗଣମାଧ୍ୟମରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାଣିବାକୁ ପାଇଥିଲେ । ତାଙ୍କୁ ଘର ଯୋଗାଇଦେବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ରାଶି ତୁରନ୍ତ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଶ୍ରୀ ଦାସଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଏକ ବାସଗୃହ ଯୋଗାଇ ଦିଆଯିବ । ଏହା ସହିତ ତାଙ୍କୁ ରେଡକ୍ରସ ପାଣ୍ଠିରୁ ତୁରନ୍ତ ୫ ହଜାର ଟଙ୍କା ଯୋଗାଇ ଦିଆଯିବ । ସୂଚନା ଅନୁଯାୟୀ ଶ୍ରୀ ଦାସଙ୍କୁ ଭିନ୍ନକ୍ଷମ ଭତ୍ତା ବାବଦରେ ମାସକୁ ୩୫୦୦ ଟଙ୍କା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୫ କିଲୋଗ୍ରାମ ଚାଉଳ ଦିଆଯାଉଥିବା ବେଳେ, ଯିବା ଆସିବା ପାଇଁ ଏକ ଧଳା ବାଡି ଦିଆଯାଇଛି ।

### ସମ୍ବଲପୁରରେ ବୁଦ୍ଧିଜୀବୀ ସମାବେଶ

## ଡବଲ ଇଞ୍ଜିନ ସରକାରରେ ଦ୍ରୁତ ଅଭିବୃଦ୍ଧି ହେଉଛି : ଉପମୁଖ୍ୟମନ୍ତ୍ରୀ




**ସମ୍ବଲପୁର,୧୨/୦୬**
**ନ୍ୟୁଜ ବ୍ୟୁରୋ**

ଗୁରୁବାର ସମ୍ବଲପୁରରେ ଆୟୋଜିତ ହୋଇଯାଇଛି ବୁଦ୍ଧିଜୀବୀ ସମାବେଶ । ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ କହିଛନ୍ତି ଯେ, ଏବେ ଲୋକଙ୍କ ସରକାର ଅଛି । ଗାଁରୁ ଆସୁଥିବା ଚିଠି ଅନୁସାରେ ରାଜ୍ୟରେ ନୀତି ନିର୍ଦ୍ଧାରଣ ହେଉଛି । ଗରିବର କଲ୍ୟାଣ, କୃଷକର ବିକାଶ, ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ମୋହନ ଚରଣ ମାଝୀଙ୍କ ସରକାର ପ୍ରୟାସ କରୁଛନ୍ତି । ନିର୍ବାଚନରେ ୨୧ଟି ପ୍ରତିଶ୍ରୁତି ଦେଇ ସରକାରକୁ ଆସିଲୁ । ଆଉ ଗୋଟିଏ ବର୍ଷ ମଧ୍ୟରେ ସବୁ ପୂରଣ କରିବୁ ବୋଲି କହିଛନ୍ତି ।

ସୂଚନା ମୁତାବକ, ମୋହନ ମାଝୀ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସମ୍ବଲପୁରରେ ବୁଦ୍ଧିଜୀବୀ ସମାବେଶରେ ଉପମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ଗୋଟିଏ ବର୍ଷ ମଧ୍ୟରେ ରାଜ୍ୟରେ ହୋଇଥିବା ସମସ୍ତ ଉନ୍ନତିକରଣ କାମ, ନୂଆଁ ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଆମେ ସରକାରକୁ ଆସିବା ପରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ୪ ଦ୍ୱାର ଖୋଲାଯାଇଥିଲା । ପ୍ରତି ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସୁଭଦ୍ରା ଯୋଜନାରେ ଆକାଉଣ୍ଟରେ ଟଙ୍କା ଦିଆଯାଇଛି । ବର୍ଷକୁ ୧୦ ହଜାର ଟଙ୍କା ଦେଇ ସେମାନଙ୍କ ରୋଜଗାର ବୃଦ୍ଧି କରାଯାଇଛି । ମହିଳା ସଶକ୍ତିକରଣ ଦିଗରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି । ଏହା ଫଳରେ ପ୍ରତିଟି ପରିବାରର ଆର୍ଥିକ ସଶକ୍ତ ହୋଇଛନ୍ତି । ଆମ ସରକାରରେ କୃଷି ଓ କୃଷକଙ୍କୁ ପ୍ରାଧାନ୍ୟ ଦିଆଯାଇଛି । ଯାହାକି ମୋହନ ସରକାର ଆସିବା ମାତ୍ରେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଅଧିକ ଦେଲେ । ଡବଲ ଇଞ୍ଜିନ ସରକାରରେ ଚାଷୀ ହସିଲେ । ଏବେ ରାଜ୍ୟରେ କେବଳ ଭୁବନେଶ୍ୱର ନୁହେଁ ପ୍ରତି ସ୍ଥାନକୁ ଗୁରୁତ୍ୱ ଦିଆଯାଉଛି । ଯାହାକି ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମରୁ ସ୍ପଷ୍ଟ ହୋଇଛି । ସମ୍ବଲପୁରକୁ ପର୍ଯ୍ୟଟନ କ୍ଷେତ୍ରରେ ବିକଶିତ କରାଯାଉଛି । ପର୍ଯ୍ୟଟନ ବିକାଶ କରି ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରାଯିବାକୁ ଲକ୍ଷ୍ୟ ରହିଛି । ଏଥିପାଇଁ କାମ ଆରମ୍ଭ ହୋଇସାରିଛି । ମୋ ସ୍ୱପ୍ନର ସମ୍ବଲପୁର ସାଧାରଣ ଲୋକ ଦେଖିବା ଉଚିତ୍ ।

ଏହାସହ ପ୍ରଭାତୀ ପରିଡ଼ା କହିଛନ୍ତି, ଏବେ ଡବଲ ଇଞ୍ଜିନ ସରକାର ଚାଲିଛି । ୨ ସରକାରଙ୍କ ମଧ୍ୟରେ ଭଲ ସମନ୍ୱୟ ସହ ଦ୍ରୁତ ଗତିରେ ଅଭିବୃଦ୍ଧି ହେଉଛି । ରାଜ୍ୟରେ ସରକାର କରିବା ପରେ ଆୟୁଷ୍ମାନ ଯୋଜନା ଲାଗୁ କରାଗଲା । ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଖର୍ଚ୍ଚ କରାଯାଇଛି । ଖୁବ ଶୀଘ୍ର ଓଡ଼ିଆ ଅସ୍ମିତା ଭବନ ତିଆରି ହେବ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପସଭାପତି ନାଉରୀ ନାୟକ, ପ୍ରଫୁଲ୍ଲ ହୋତା ଉପସ୍ଥିତ ଥିଲେ । ଏହାପରେ ମୋହନ ସରକାରଙ୍କ ଏକ ବର୍ଷ ଓ ମୋଦୀ ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଅବସରରେ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏଥିରେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ହୋଇଥିବା ସଫଳ ଯୋଜନାର ହିସାବ ରଖିଥିଲେ । ଗୋଟିଏ ବର୍ଷରେ ସରକାର ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଉପମୁଖ୍ୟମନ୍ତ୍ରୀ କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ନାଉରୀ ନାୟକ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ବିଜେପୁର ବିଧାୟକ ସନତ ଗଡତିଆ ଉପସ୍ଥିତ ଥିଲେ ।

## ଏଏସ୍‌ଆଇ ସହାୟତାରେ ହେବ ଶ୍ରୀମନ୍ଦିରର ପାର୍ଶ୍ୱ ମନ୍ଦିର ଆଲୋକୀକରଣ

**ପୁରୀ,୧୨।୦୬**
**ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଓ ବେଢ଼ାରେ ଥିବା ପାର୍ଶ୍ୱ ମନ୍ଦିର ଗୁଡିକର ଆଲୋକୀକରଣ କରି ଆକର୍ଷଣୀୟ କରିବା ଲାଗି ଏଏସଆଇ ସହାୟତାରେ ପଦକ୍ଷେପ ନିଆଯିବ । ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଯନ୍ତ୍ରୀମାନେ, ଏଏସ୍‌ଆଇ ପୁରୀ ସର୍କଲ୍ କର୍ତ୍ତୃପକ୍ଷ ଏବଂ ଦିଲ୍ଲୀସ୍ଥିତ ସ୍ୱୀକୃତି ପ୍ରାପ୍ତ ପରାମର୍ଶ ଅନୁଷ୍ଠାନର ପ୍ରତିନିଧି, ଶିଳ୍ପୀ ଭରଦ୍ୱାଜ ଉପସ୍ଥିତ ଥିଲେ । ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଐତିହ୍ୟକୁ ନେଇ ଆଲୋକୀକରଣ କାର୍ଯ୍ୟ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା । ସେହିପରି ପ୍ରସ୍ତାବିତ ଆଲୋକୀକରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ କେତେକ ନିର୍ଦ୍ଦିଷ୍ଟ ପରାମର୍ଶ ଦିଆଯାଇଥିଲା । ଏଏସଆଇର ବୈଷୟିକ ପରାମର୍ଶ ଏବଂ ମାର୍ଗଦର୍ଶନରେ ବିସ୍ତୃତ ରୂପରେଖ ପ୍ରସ୍ତୁତି କରିବ । ପରବର୍ତ୍ତୀ ସମୟରେ ଅନୁମୋଦନ ପାଇଁ ଉପସ୍ଥାପନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା । ଏନେଇ ଆବଶ୍ୟକୀୟ ଅନୁମତି ଗ୍ରହଣ କରାଯିବା ପରେ କାର୍ଯ୍ୟ ରୂପାୟନ ସ୍ଥିର ହୋଇଛି ।



## ସିଏମ୍‌ସି ପକ୍ଷରୁ ପିଏମ୍ ଆବାସ ଯୋଜନାରେ ୧୦୪ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ



**କଟକ ୧୨/୦୬ ନ୍ୟୁଜ ବ୍ୟୁରୋ**

ଦୀର୍ଘ ଦିନ ପ୍ରତୀକ୍ଷାର ଅବସାନ । କଟକ ୫୯ଟି ୱାର୍ଡର ୧୦୪ଜଣ ହିତାଧିକାରୀଙ୍କୁ ପ୍ରଦାନ କରାଗଲା ଘର ତିଆରି ପାଇଁ କାର୍ଯ୍ୟାଦେଶ । ହିତାଧିକାରୀଙ୍କୁ ୫ଟି ପର୍ଯ୍ୟାୟରେ ୨ଲକ୍ଷ ୫୦ହଜାର ଟଙ୍କା ମିଳିବ । କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ରେ କଟକ ମହାନଗର ନିଗମ ଦ୍ୱାରା କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଆଜି କଟକ ମହାନଗର ନିଗମ(ସିଏମ୍‌ସି) ଦ୍ୱାରା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ରେ ୫୯ଟି ୱାର୍ଡର ୧୦୪ଜଣ ହିତାଧିକାରୀଙ୍କୁ ଘର ତିଆରି ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ହିତାଧିକାରୀଙ୍କୁ ୫ଟି ପର୍ଯ୍ୟାୟରେ ୨ଲକ୍ଷ ୫୦ହଜାର ଟଙ୍କା ମିଳିବ । ଯେଉଁମାନେ ୧୨୦ଦିନ ମଧ୍ୟରେ ଘର ତିଆରି କରିବେ । ସେମାନଙ୍କୁ ସରକାରଙ୍କ ପକ୍ଷରୁ ୨୦ହଜାର ଅଧିକ ପ୍ରୋତ୍ସାହନ ରାଶି ମିଳିବ । ସେହିଭଳି ୧୮୦ଦିନ ମଧ୍ୟରେ ଘର ତିଆରି କଲେ ୧୦ହଜାର ଟଙ୍କା ମିଳିବ । ଟାଉନ ହଲରେ ଆୟୋଜିତ ଏହି କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ବାରବାଟି କଟକ ବିଧାୟିକା ଇଂ ସୋଫିଆ ଫିର୍ଦୋସ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ମେୟର ସୁବାସ ସିଂହ ସମେତ କର୍ପୋରେଟର ଓ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

## ୨୦୨୯ରୁ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଲାଗୁ

**ନୂଆଦିଲ୍ଲୀ, ୧୨।୬**

ଆଗାମୀ ୨୦୨୯ ଲୋକସଭା ନିର୍ବାଚନରେ ମହିଳାଙ୍କୁ ୩୩% ସଂରକ୍ଷଣ ଲାଗୁ କରିପାରନ୍ତି ମୋଦି ସରକାର । ଜଣେ ସରକାରୀ ଅଧିକାରୀଙ୍କ କହିବା ମୁତାବକ, ଜନଗଣନା ପାଇଁ ଘୋଷଣା ସରିଛି । ତେଣୁ ଆଗାମୀ ନିର୍ବାଚନରେ ଏହି ନୂଆ ନିୟମକୁ ଲାଗୁ କରିବାକୁ ଲକ୍ଷ୍ୟ ରଖାଯାଇଛି । ୨୦୨୩ ମସିହା ସେପ୍ଟେମ୍ବର ମାସରେ ପାରିତ ହୋଇଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମ ଅନୁସାରେ ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସିଟ୍ ସଂରକ୍ଷିତ ହୋଇରହିବ । ଜନଗଣନା ପରେ ପରେ ଏନେଇ ଆବଶ୍ୟକୀୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି । ଆସନ୍ତା ଲୋକସଭା ନିର୍ବାଚନରୁ ଦେଶରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ଲାଗୁ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏପରି ହେଲେ ଲୋକସଭା ସହିତ ରାଜ୍ୟ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩% ସିଟ୍ ସଂରକ୍ଷଣ କରାଯିବ । ଯେଉଁଥିରେ ମହିଳାମାନେ ନିର୍ବାଚିତ ହୋଇ ଲୋକସଭା ଏବଂ ବିଧାନସଭାରେ ପ୍ରତିନିଧିତ୍ୱ କରିବେ । ଜନଗଣନା ପରେ ଦେଶରେ ଲୋକସଭା ସହିତ ରାଜ୍ୟମାନଙ୍କରେ ବିଧାନସଭା ସିଟ୍ ସଂଖ୍ୟା ବୃଦ୍ଧି ପାଇପାରେ । ତେଣୁ ଏହାକୁ ଦୃଷ୍ଟିରେ ରଖି ମହିଳାମାନଙ୍କ ପାଇଁ ଏହି ସିଟ୍ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ । କେଉଁ ରାଜ୍ୟରେ ମହିଳାଙ୍କ ପାଇଁ ବିଧାନସଭାରେ କେତେ ସିଟ୍ ସଂରକ୍ଷିତ ରହିବ ଏବଂ ଲୋକସଭାରେ କେତେ ସିଟ୍ ସଂରକ୍ଷିତ ରହିବ ସେନେଇ ଧାର୍ଯ୍ୟ କରାଯିବ । ଏଥିସହ କେଉଁ କେଉଁ ଲୋକସଭା ଏବଂ ବିଧାନସଭା ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯିବ ସେନେଇ ମଧ୍ୟ ନିଷ୍ପତ୍ତି ନିଆଯିବ । ଜନସଂଖ୍ୟା ଆଧାରରେ ଲୋକସଭା ସିଟ୍ ସଂଖ୍ୟା ବୃଦ୍ଧି ପାଇବା ନେଇ ଖବର ପ୍ରକାଶ ପାଇବା ପରେ ଦକ୍ଷିଣ ଭାରତରେ ଅସନ୍ତୋଷ ଦେଖାଯାଇଛି । ଏପରି ହେଲେ ଲୋକସଭାରେ ଦକ୍ଷିଣ ଭାରତର ସିଟ୍ ସଂଖ୍ୟା ହ୍ରାସ ପାଇବ ବୋଲି କୁହାଯାଉଛି । ଏଥିସହ ଉତ୍ତର ଭାରତର ସିଟ୍ ସଂଖ୍ୟା ଅପେକ୍ଷାକୃତ ବୃଦ୍ଧି ପାଇବ । ଫଳରେ ଦକ୍ଷିଣ ଭାରତର ମହତ୍ତ୍ୱ କମ୍ ହୋଇଯିବ ବୋଲି ନେତା, ରାଜନେତା ଦାବି କରୁଛନ୍ତି ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହେବ କିଆ ଫୁଲ ଚାଷ ଉପରେ ଗବେଷଣା

**ଗୋପାଳପୁର, ୧୨/୬**
**ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ କିଆ ଫୁଲ ଚାଷ ଉପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗବେଷଣା ହେବ । ଏ ନେଇ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଛନ୍ତି । ଗଞ୍ଜାମ ଜିଲ୍ଲାରେ ସୁଗନ୍ଧ କିଆ ଫୁଲ ଚାଷ ଓ ଏଥିରୁ ଅତର ସମେତ ଆନୁସଙ୍ଗିକ ସାମଗ୍ରୀ ଉତ୍ପାଦିତ ହେଉଥିବା ବେଳେ ଜିଲ୍ଲାରେ ଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବେ ଏହାର ଗବେଷଣାର କେନ୍ଦ୍ରବିନ୍ଦୁ ହେବ । ଏହି ଗବେଷଣା ଜରିଆରେ ଜଳବାୟୁ ସ୍ଥିର ଚାଷ ଏବଂ ସ୍ଥାୟୀ ଜୀବିକା ଓ କ୍ଷୁଦ୍ର ଶିଳ୍ପ ଉପରେ ରିପୋର୍ଟ




ପ୍ରସ୍ତୁତ କରାଯିବ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଗବେଷଣା ଓ ନୂତନ ସଂଶୋଧନ କାର୍ଯ୍ୟକ୍ରମ (ଏମ୍‌ଆରଆଇପି - ୨୦୨୪) ଅଧୀନରେ ଜଳବାୟୁ ସ୍ଥିର ଚାଷ ଏବଂ ସ୍ଥାୟୀ ଜୀବିକା ଉପରେ ଗଞ୍ଜାମ ଜିଲ୍ଲାର ୪ଟି ବ୍ଲକ୍‌ରେ କିଆ ଫୁଲ ଚାଷର ସ୍ଥିତି ଏବଂ ଜୀବିକା ଆବଶ୍ୟକତା ଉପରେ ତଥ୍ୟ ସଂଗ୍ରହ କରାଯିବ । ଏହି ୪ଟି ବ୍ଲକ୍ ହେଲା ଚିକିଟି, ରଙ୍ଗେଇଲୁଣ୍ଡା, ଗଞ୍ଜାମ ଓ ଛତ୍ରପୁର । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଲକ୍ଷ ୫୦ ହଜାର ଟଙ୍କା ଦୁଇ ବର୍ଷ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ସହକାରୀ ପ୍ରାଧ୍ୟାପକ ତଥା ପ୍ରକଳ୍ପ ମୁଖ୍ୟ ଗବେଷକ ଚନ୍ଦ୍ରିକା ପ୍ରସାଦ ଦାସଙ୍କୁ ପ୍ରଦାନ କରାଯାଇଛି ।

ଗବେଷକ ଦାସ କହିଛନ୍ତି ଜିଲ୍ଲାରେ ରାଜ୍ୟର ଅଧିକ କିଆ ଫୁଲ ଚାଷ କରାଯାଉଛି । ସେଥିରୁ ପ୍ରସ୍ତୁତ ହେଉଥିବା ବିଭିନ୍ନ ସୁଗନ୍ଧ ଦ୍ରବ୍ୟ ପ୍ରସ୍ତୁତି ପାଇଁ କ୍ଷୁଦ୍ର ଶିଳ୍ପ କରି କର୍ମ ନିଯୁକ୍ତି ସହ ରାଜସ୍ୱ ମିଳିବା ନେଇ ଏକ ରିପୋର୍ଟ ପ୍ରସ୍ତୁତି କରି ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରାଯିବ । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ କହିଛନ୍ତି ରାଜ୍ୟ ସରକାର କିଆ ଫୁଲ ଚାଷକୁ ନେଇ ଗବେଷଣାର ଯେଉଁ ଦାୟିତ୍ୱ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଦେଇଛନ୍ତି ତାହାକୁ ସୂଚାରୁ ରୂପେ ପାଳନ ପାଇଁ କୁହାଯାଇଛି । ଗବେଷଣା ଦ୍ୱାରା କିଆ ଫୁଲ ଚାଷୀ କିଭଳି ଉପକୃତ ହୋଇପାରିବେ ସେ ବାବଦରେ ଜ୍ଞାନ କୌଶଳ ପ୍ରଦାନ କରାଯିବ । ଏହି ଗବେଷଣା ଯଦି ଲାଭଦାୟକ ହୁଏ ତେବେ ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟରେ ପ୍ରୋସେସିଂ ୟୁନିଟ୍ କରିବା ପାଇଁ ନିଷ୍ପତ୍ତି ହୋଇପାରେ ବୋଲି ସେ କହିଛନ୍ତି ।